ଧରିତ୍ରୀ
DHARITRI

March 2 - 8, 2025 ₹2/-

ଧରିତ୍ରୀ
DHARITRI
51
Years

# ଛୁଟିଦିନ

# ନୋବେଲ ସାହିତ୍ୟିକା

ପ୍ରଚ୍ଛଦ ପ୍ରସଙ୍ଗ

୩

**ସାହିତ୍ୟରେ ନୋବେଲ ପୁରସ୍କାର ବିଜୟିନୀ ଏହି ଲେଖିକାମାନେ ସେମାନଙ୍କର ଅସାମାନ୍ୟ ପ୍ରତିଭା ଦ୍ୱାରା କେବଳ ବିଶ୍ୱକୁ ମୁଗ୍ଧ କରିନାହାନ୍ତି , ବରଂ ନିଜ ନିଜର ଅଭିଜ୍ଞତା ଏବଂ ଦର୍ଶନ ମାଧ୍ୟମରେ ସାହିତ୍ୟରେ ନୂତନ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିଛନ୍ତି ...**



# ସ୍ୱପ୍ନ ଦେଇପାରେ ଶୁଭ ସଙ୍କେତ

**ସ୍ୱପ୍ନଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଜିନିଷ ଅଥବା ଘଟଣା ରହିଛି; ଯାହାକୁ ସ୍ୱପ୍ନରେ ଦେଖିଲେ ଶୁଭ ପରିଣାମର ସୂଚନା ମିଳିଥାଏ...**

* ସ୍ୱପ୍ନଶାସ୍ତ୍ର ଅନୁଯାୟୀ, ଭଗବାନଙ୍କୁ ସ୍ୱପ୍ନରେ ଦେଖିଲେ, ମନୋସ୍କାମନା ପୂରଣ ହେବାର ସୂଚନା ମିଳେ।
* ସ୍ୱପ୍ନରେ ମନ୍ଦିର ଦେଖିବା ଅବା ମନ୍ଦିରର ପୂଜାରୀଙ୍କଠାରୁ ନଡ଼ିଆ, ମିଠା ଆଦି ପ୍ରସାଦ ସ୍ୱରୂପ ଗ୍ରହଣ କରୁଥିବାର ଦୃଶ୍ୟ ଦେଖିବା ବି ଶୁଭଙ୍କର। ଏହା କୌଣସି ଶୁଭଖବର ପ୍ରାପ୍ତି ଅବା ଉନ୍ନତିର



ସୂଚନା ଦେଇଥାଏ।
* ସ୍ୱପ୍ନରେ ଝରଣା ଅଥବା ନଦୀ କୂଳରେ ବସି ପାଣି ପିଉଥିବାର ଦୃଶ୍ୟ ଦେଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏଭଳି ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି। ତାଙ୍କ ଜୀବନରେ କିଛି ଗୋଟେ ଭଲ ପରିବର୍ତ୍ତନ ହେବାର ଏହା ସଙ୍କେତ ଦେଇଥାଏ।
* ସ୍ୱପ୍ନରେ ଗୋଲାପ ଫୁଲ ଦେଖିଲେ, ଅଟକି ରହିଥିବା କାମ ଶୀଘ୍ର ପୂରଣ ହେବାର ସଙ୍କେତ ମିଳିଥାଏ।
* ଶୁଆକୁ ସ୍ୱପ୍ନରେ ଦେଖିଲେ, କ୍ୟାରିୟରରେ ଉନ୍ନିତ ହେବାର ସୂଚନା ମିଳିଥାଏ। ସେହିପରି କାଉ ଦେଖିଲେ ଶନି ଦଶାରୁ ମୁକ୍ତି ମିଳିବାର ବାଟ ଖୋଲେ ବୋଲି ବିଶ୍ୱାସ କରାଯାଏ।
* ସ୍ୱପ୍ନରେ ବଂଶୀ ଦେଖିବା ଧନପ୍ରାପ୍ତିର ସଙ୍କେତ ଦେଇଥାଏ।
* ସ୍ୱପ୍ନରେ ଶବ ଦେଖିବା ଭାଗ୍ୟ ପରିବର୍ତ୍ତନର ସଙ୍କେତ ଦେଉଥିବାବେଳେ ନିଜ ମୃତ୍ୟୁର ସ୍ୱପ୍ନ ଦେଖିବା ଧନ ପ୍ରାପ୍ତିର ସୂଚନା ପ୍ରଦାନ କରିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୨-୮

**ମେଷ**
ଆଶାପୂରଣ ହେବ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ମନରେ ସନ୍ଦେହ ସୃଷ୍ଟି, ଯାତ୍ରାରେ ସଫଳତା ପାଇବେ, ସମସ୍ୟା ସମାଧାନ ହୋଇଯିବ, ଉଚିତ୍ ବୁଝାମଣା ହୋଇପାରେ, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ମାଙ୍ଗଳିକ କାର୍ଯ୍ୟ କରିବେ, ଆର୍ଥିକ ସଂକଟ ।।

**ବୃଷ**
କାମ ଅଟକି ରହିବ, ମାନସିକ ଶାନ୍ତି ବ୍ୟାହତ, ଯାନବାହନ କ୍ରୟ, ଲୋକ ସମ୍ପର୍କ ବୃଦ୍ଧି, ନୂତନ ସ୍ଥାନ ପରିଭ୍ରମଣ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଉତ୍ସାହପ୍ରଦ କାର୍ଯ୍ୟାରମ୍ଭ, ବନ୍ଧୁଙ୍କୁ ଆପଣାର କରିବେ, ମିତ୍ରତା ସୃଷ୍ଟି କରିପାରନ୍ତି, ମନୋରଞ୍ଜନ କାର୍ଯ୍ୟରେ ରୁଚି ।।

**ମିଥୁନ**
ଅବହେଳାରୁ କାର୍ଯ୍ୟହାନୀ, ସୁଯୋଗ ହାତଛଡା କରିବେ, ପଡୋଶୀଙ୍କ ଅସହଯୋଗ, ସମସ୍ୟାର ସରଳ ସମାଧାନ, ମାନସିକ ଶାନ୍ତି ଫେରିବ, ସ୍ୱାସ୍ଥ୍ୟ ବିଗିଡିପାରେ, ପାରିବାରିକ ମତାନ୍ତର ବଢିବ, ଆନୁଷ୍ଠାନିକ କାମ କରିବେ, ପଦମର୍ଯ୍ୟାଦା ବଢିବ ।।

**କର୍କଟ**
ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ପରାମର୍ଶ, ପାରିବାରିକ ସହମତି, ଆର୍ଥିକ ଦୂରବସ୍ଥା, କ୍ରନିକ୍ ରୋଗରେ ପୀଡା, ସହକର୍ମୀଙ୍କ ବିବାଦ, ଯୋଗ ସାଧନାରେ ରୁଚି, ଆନୁଷ୍ଠାନିକ କର୍ମାରମ୍ଭ, ଗୃହାରମ୍ଭର ପ୍ରସ୍ତୁତି ।।

**ସିଂହ**
ଆର୍ଥିକ ସ୍ଥିତି ବଦଳିବ, ନବ ଜାତକ ଆସିପାରେ, ବନ୍ଧୁ ପରାମର୍ଶ ଦେବେ, ପରିସ୍ଥିତିର ବିଷମତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ସହକର୍ମୀଙ୍କ ବିରୋଧାଭାଷ, ଘର ସାଜସଜ୍ଜାରେ ମନ, ଭୋଗ ବିଳାସରେ ଆଗ୍ରହ, ଆନନ୍ଦ ଦାୟକ ଭ୍ରମଣ ।।

**କନ୍ୟା**
ଆଶା ପୂରଣ ହେବ, ଅନୁକୂଳ ପରିବେଶ ସୃଷ୍ଟି, ପ୍ରୀତି ହାନୀର ଆଶଙ୍କା, ଯୋଜନାର ସଫଳତା, ସୁସମ୍ପର୍କ ବ୍ୟାହତ, ବାଣିଜ୍ୟରେ କ୍ଷତି, ପରିବାରରୁ ପ୍ରତିରୋଧ, ପ୍ରିୟଜନଙ୍କ ପରାମର୍ଶ, ବ୍ୟତିକ୍ରମକୁ ସଜାଡିବେ, ଆଶଙ୍କା ଦୂରହେବ, ଦୂରଯାତ୍ରା କରିବେ ।।

**ତୁଳା**
ନିରୁତ୍ସାହିତ ହୋଇପାରନ୍ତି, ଅନଟନ ଲାଗି ରହିବ, ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବ, ବନ୍ଧୁବର୍ଗଙ୍କ ପ୍ରେରଣା, କାର୍ଯ୍ୟ ସାଧନ କରିବେ, ପଡୋଶୀଙ୍କ ପରାମର୍ଶ, କଳାକ୍ରୀଡାରେ ସଫଳତା, ସାମ୍ବାଦିକତାରୁ ଗୌରବ ।।

**ବିଛା**
ବନ୍ଧୁସମ୍ପର୍କ ବଢିବ, ଚାକିରି ଅଫର ପାଇବେ, ହାତ ଖାଲି ରହିବନି, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ସନ୍ତାନ ହେତୁକ ଗୌରବ, ରୋଗପୀଡା କମିବ, ଆଶା ଫଳବତୀ ହେବ, ଶୁଭକାର୍ଯ୍ୟରେ ଯୋଗ ଦେବେ, ଦୂରଯାତ୍ରାର ସୁଯୋଗ ।।

**ଧନୁ**
ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ, ସ୍ଥଗିତ କାମରେ ଅଗ୍ରଗତି, ଭ୍ରାତୃସମ୍ପର୍କରେ ଉନ୍ନତି, ପ୍ରଶାସନିକ ତତ୍ପରତା, ଆଇନ ସହାୟତା ପାଇବେ, ମକଦ୍ଦମାରେ ବିଜୟ, ସଭାସମିତିକୁ ନିମନ୍ତ୍ରଣ, ରଚନାତ୍ମକ କାର୍ଯ୍ୟାରମ୍ଭ, ବ୍ୟବସାୟିକ ସଫଳତା, ସତ୍ସଙ୍ଗର ସୁଯୋଗ ।।

**ମକର**
କର୍ମଜଞ୍ଜାଳ ବୃଦ୍ଧି, ଅବସର ପାଇବେନି, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ନୂଆ ଯାଗାକୁ ବଦଳି, କଚେରୀ ମାମଲାରେ ବାଇଦା, ଯାନ୍ତ୍ରିକ ଜିନିଷ କିଣିବେ, ବ୍ୟବସାୟରେ ଲାଭ, ରିସ୍କ ପଦକ୍ଷେପ ନେଇପାରନ୍ତି, ବିବାଦୀୟ ଘଟଣାର ଅବସାନ, କଳା ପ୍ରିୟ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ପ୍ରଶଂସା, ବକେୟା ପ୍ରାପ୍ତିରେ ଦ୍ୱନ୍ଦ୍ୱ, ଭୁଲ୍ ବୁଝାମଣାରୁ କଳହ, ଅଶୌଚ ଖବର ପାଇବେ, ସହକର୍ମୀ ସହ ତିକ୍ତତା, ସହଧର୍ମିଣୀଙ୍କ ପରାମର୍ଶ, ଗୃହସୀମା ବିବାଦ, ଫଳପ୍ରଦ ଆଲୋଚନା, ସଙ୍ଗୀତ ସାଧନାରେ ରୁଚି ।।

**ମୀନ**
ଶାରୀରିକ ଅସୁସ୍ଥତା, ଆର୍ଥିକ ସାହାଯ୍ୟ ପାଇବେ, ସ୍ଥଗିତକାର୍ଯ୍ୟ ତ୍ୱରାନ୍ୱିତ, ପ୍ରତିବନ୍ଧକ ଦୂର ହେବ, ଶୁଭଖବର ପାଇବେ, ଧର୍ମକାର୍ଯ୍ୟରେ ସହଯୋଗ, ବସ୍ତ୍ରଭୂଷଣ ପ୍ରାପ୍ତି, ସାଂଗଠନିକ ସଭା ପ୍ରସ୍ତୁତି, ରାଜନୈତିକ ଆଲୋଚନା, ପ୍ରକାଶନରେ ବିଳମ୍ବ ।।

# ଖାଲି ପେଟରେ ତୁଳସୀ ପତ୍ର ଖାଉଥିଲେ..



**ଆ**ୟୁର୍ବେଦରେ ତୁଳସୀ ପତ୍ରକୁ ଜଡ଼ି-ବୁଟିର ରାଣୀ ବୋଲି କୁହାଯାଇଥାଏ। ପୁରାତନ କାଳରୁ ହିଁ ଏହାକୁ ଘରୋଇ ମହୌଷଧି ଭାବେ ଆମେ ବ୍ୟବହାର କରିଆସୁଛେ। କାଶ ହେଉ କି ଛିଙ୍କ ତୁଳସୀ ପତ୍ରକୁ ବାଟି ତା'ର ରସ ପିଇଲେ ଅଥବା ଏହି ପତ୍ରରୁ କିଛି ଚୋବାଇ ଖାଇଲେ ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି। ତେବେ କେବଳ ଏତିକି କାରଣ ନୁହେଁ, ଆୟୁର୍ବେଦରେ ଖାଲି ପେଟରେ ତୁଳସୀ ପତ୍ର ଖାଇଲେ ଆଉ କ'ଣ କ'ଣ ଉପକାର ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...

ତୁଳସୀରେ ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଭରି ରହିଥିବାରୁ, ଏହି ପତ୍ରରୁ ୪/୫ଟି ଲଗାତର୍ ୧୦ ଦିନ ସକାଳୁ ଖାଲି ପେଟରେ ଖାଇଲେ ରୋଗପ୍ରତିରୋଧକ ଶକ୍ତି ବଢିଥାଏ। ଫଳରେ ଥଣ୍ଡା, କାଶ, ଛିଙ୍କ ତଥା ଭାଇରାଲ୍ ଇନ୍‌ଫେକ୍ସନ୍‌ରୁ ଅନେକାଂଶରେ ମୁକ୍ତି ମିଳିଥାଏ। ତା'ଛଡ଼ା ଏଥିରେ କିଛି ଏନ୍‌ଜାଇମ୍ ତତ୍ତ୍ୱ ଥିବାରୁ, ଏହା ଶରୀରର ପାଚନ କ୍ରିୟାକୁ ବି ତ୍ୱରାନ୍ୱିତ କରିଥାଏ, ଯଦ୍ୱାରା ଗ୍ୟାସ, ବଦହଜମୀ, କୋଷ୍ଠକାଠିନ୍ୟର ସମସ୍ୟାରୁ ବି ଆରାମ ମିଳେ। ଏହାଛଡ଼ା ଖାଲି ପେଟରେ ତୁଳସୀ ପତ୍ର ଖାଇଲେ ବ୍ଲଡ୍ ଶୁଗାର, ବ୍ଲଡ୍ ପ୍ରେଶର, କୋଲେଷ୍ଟ୍ରଲ୍ ନିୟନ୍ତ୍ରଣରେ ରହିବା ସହ ଏହା ଆମର ମସ୍ତିଷ୍କକୁ ଶାନ୍ତ ରଖିବା ଏବଂ ଆମକୁ ଚିନ୍ତା ମୁକ୍ତ କରିବାରେ ବି ସାହାଯ୍ୟ କରିଥାଏ।

# ପାଠକୀୟ

* 'ନିଆଁଖୁଣ୍ଟା'ର ସମ୍ପାଦକ ଗୋଦାବରୀଶଙ୍କ ଗାଁ ଭାବେ ପରିଚିତ କୁମାରାଙ୍ଗ ଶାସନ ଜନ୍ମ ଦେଇଛି ଅନେକ ବିଜ୍ଞ, ପଣ୍ଡିତ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ। ଏହି ଐତିହ୍ୟସମ୍ପନ୍ନ ଗାଁକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'ଅଗଣାରେ କେଉଁ ବୃକ୍ଷ ଲଗାଇବା ଶୁଭ', 'କିପରି ବଢିବ ସୁଖଶାନ୍ତି' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।

*-ସୁକୁମାର ଦାଶ, ଫୁଲବାଣୀ*

* ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ଥିବା 'ଐତିହ୍ୟର ଗାଁ କୁମାରାଙ୍ଗ ଶାସନ' ଶୀର୍ଷକ ଆଲେଖ୍ୟଟି ତଥ୍ୟପୂର୍ଣ୍ଣ ହେବା ସହ ବେଶ୍ ଶିକ୍ଷଣୀୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଫ୍ରକ୍ ଷ୍ଟାଇଲ୍ ଟପ୍ସ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗୀତିକବି ପ୍ରେମଚାନ୍ଦ୍ ମହାନ୍ତିଙ୍କ ଜୀବନି ସମ୍ପର୍କରେ ବି ବହୁ ଅଜଣା କଥା ଜାଣିବାକୁ ମିଳିଲା।

*- ସୁନିତା ଚୌଧୁରୀ, ବାଲେଶ୍ୱର*

* ସୃଜନ ପୃଷ୍ଠାରେ ସ୍ଥାନିତ 'ପୋଷ୍ଟମ୍ୟାନ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ସୟାମୀ ଯାହା ଖୋଜୁଥିଲେ', 'ରକୁଲ୍‌ଙ୍କ ସଜବାଜ', 'ଅପେକ୍ଷା କରିବେ ଖୁସି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ମଜାଦାର୍ ଥିଲା।

*- ତନୁଜା ସେଠୀ, ସମ୍ବଲପୁର*

* ଲେଖିକା ପ୍ରଣତି ଆଚାର୍ଯ୍ୟ ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଥିଲା। 'ଦାମୀ ସନ୍‌ଗ୍ଲାସ୍' ଶୀର୍ଷକ ପାଠଟି ବି ତଥ୍ୟପୂର୍ଣ୍ଣ ଥିଲା। ମଡେଲ୍ ମିରର୍‌ରେ ସ୍ୱାଗତିକା ଖୁବ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ହୋଇଥିଲା।

*-ଅଶୋକ ସାହୁ, ଭବାନୀପାଟଣା*

* ସହର ପୃଷ୍ଠାରୁ 'ଅନନ୍ୟ ପର୍ଯ୍ୟଟନସ୍ଥଳୀ ୟେଲାଗିରି' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। 'ଗାଲରେ ଡିମ୍ପଲ ଆସେ କେମିତି' ଶୀର୍ଷକ ପାଠଟି ବି ଶିକ୍ଷଣୀୟ ହୋଇଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଆମେ ତ ଭାଗ୍ୟବାନ ଓଡ଼ିଆ' ଶୀର୍ଷକ ପାଠଟି ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ହୋଇଥିଲା।

*- ସୁକୁମାର ଷଡଙ୍ଗୀ, ରାଉରକେଲା*

* ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଭାବୁଛନ୍ତି କି ଜଳପରୀ', 'ଚତୁର ଶୁଆ', 'ସ୍କେଟ ବୋର୍ଡିଂ କରୁଥିବା କୁକୁର' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ତଥ୍ୟପୂର୍ଣ୍ଣ ହେବା ସହ ଆଶ୍ଚର୍ଯ୍ୟକର ବି ଥିଲା।

*-ମନୀଷା ମିଶ୍ର, ଭୁବନେଶ୍ୱର*




## ବିଶେଷ ଚିଠି

ଐତିହ୍ୟର ଗାଁ କୁମାରାଙ୍ଗ ଶାସନକୁ
ନେଇ ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ଆହୁରି ଭଲ ଥିଲା
ତୁମ ସହରଠୁ ଦୂର, ପ୍ରଥମ ରୋଜଗାର
ମନ କିଣି ନେଉଥିଲା ପୁଣି
ତୁମ ସାଥୀର ଉତ୍ତର।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ସବୁଠୁ ସୁନ୍ଦର ସବୁଠୁ ଉତ୍ତମ।

*-ରାକେଶ ପ୍ରଧାନ, କାକଟପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ନୋବେଲ ସାହିତ୍ୟିକା



**ସାହିତ୍ୟରେ ନୋବେଲ ପୁରସ୍କାର ବିଜୟିନୀ ଏହି ଲେଖିକାମାନେ ସେମାନଙ୍କର ଅସାମାନ୍ୟ ପ୍ରତିଭା ଦ୍ୱାରା କେବଳ ବିଶ୍ୱକୁ ମୁଗ୍ଧ କରିନାହାନ୍ତି , ବରଂ ନିଜ ନିଜର ଅଭିଜ୍ଞତା ଏବଂ ଦର୍ଶନ ମାଧ୍ୟମରେ ସାହିତ୍ୟରେ ନୂତନ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିଛନ୍ତି ...**



ହାନ୍ କାଙ୍ଗ

ନୋବେଲ ପୁରସ୍କାରକୁ ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ବିବେଚନା କରାଯାଏ । ପ୍ରବର୍ତ୍ତନ କାଳରୁ ଏଯାବତ୍ ସାହିତ୍ୟରେ ମୋଟ ୧୮ ଜଣ ପ୍ରତିଭାମୟୀ ନାରୀ ଏହି ବିରଳ ସମ୍ମାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ସାହିତ୍ୟରେ ନୋବେଲ ପୁରସ୍କାର ବିଜୟିନୀ ହୋଇଥିବା ନାରୀମାନେ ସେମାନଙ୍କର ଅସାମାନ୍ୟ ପ୍ରତିଭା ଦ୍ୱାରା କେବଳ ବିଶ୍ୱକୁ ମୁଗ୍ଧ କରିନାହାନ୍ତି , ବରଂ ନିଜ ନିଜର ଅଭିଜ୍ଞତା ଏବଂ ଦର୍ଶନ ମାଧ୍ୟମରେ ସାହିତ୍ୟରେ ନୂତନ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିଛନ୍ତି । ସେମାନଙ୍କର ସୃଷ୍ଟି ସମୂହ ଜୀବନର ସୌନ୍ଦର୍ଯ୍ୟ , ମାନବିକ ଆବେଗ, ସମାଜର ବିଭିନ୍ନ ସ୍ତରର ଜଟିଳତା, ଯୁଦ୍ଧ ଓ ସାମାଜିକ ବାସ୍ତବତା ପରି ଆହୁରି ଅନେକ ବିଷୟକୁ ତୋଳି ଧରିଛି। **ବିଶ୍ୱ ମହିଳା ଦିବସ** ଅବସରରେ ସେହି ପ୍ରତିଭାସମ୍ପନ୍ନ ନାରୀମାନଙ୍କ ସମ୍ପର୍କରେ...

**ସେଲ୍‌ମା ଲେଗାର୍ଲଫ:** ସେଲ୍‌ମା ଲେଗାର୍ଲଫ ଥିଲେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ପ୍ରଥମ ନାରୀ । ୧୮୫୮ ମସିହାରେ ସୁଇଡେନ୍‌ର ମାର୍ବ୍ୟାକା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମେରୁଦଣ୍ଡର ଯନ୍ତ୍ରଣା ହେତୁ ଚାଲିବା ବୁଲିବାକୁ ଅକ୍ଷମ ସେଲ୍‌ମାଙ୍କର ସୀମାବଦ୍ଧତା ବୋଧହୁଏ ତାଙ୍କର କଳ୍ପନା ଏବଂ ସାହିତ୍ୟ ପ୍ରତି ଗଭୀର ଅନୁରାଗ ସୃଷ୍ଟି କରିଥିଲା । ଆଈଙ୍କ ପାଖରୁ ଶୁଣିଥିବା ଅଜସ୍ର କାହାଣୀ ବୋଧହୁଏ ତାଙ୍କର ଶୈଶବର କଳ୍ପନାକୁ ପ୍ରଭାବିତ କରିଥିଲା ଏବଂ ତାହା ଭବିଷ୍ୟତରେ ଜଣେ ଲେଖିକା ହେବା ପାଇଁ ତାଙ୍କୁ ଉଦ୍‌ବୁଦ୍ଧ କରିଥିଲା । ୧୮୯୧ ମସିହାରେ ପ୍ରକାଶିତ ତାଙ୍କର ପ୍ରଥମ ଉପନ୍ୟାସ 'ଗୋଷ୍ଟା ବେର୍ଲିଂସ ସାଗା' ତାଙ୍କୁ ସୁଇଡିସ୍ ସାହିତ୍ୟ ମହଲରେ ପରିଚିତି ଆଣିଦେଇଥିଲା, ଯଦିଓ ପ୍ରାଥମିକ ପର୍ଯ୍ୟାୟରେ ସେହି ଉପନ୍ୟାସ ସେତେ ଲୋକପ୍ରିୟତା ହାସଲ କରି ନ ଥିଲା । ଉପନ୍ୟାସଟି ଡେନିସ୍ ଭାଷାରେ ଅନୂଦିତ ହେବାପରେ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରଚୁର ପ୍ରଶଂସା ଅର୍ଜନ କରିଥିଲା । ସେଲ୍‌ମା ତାଙ୍କ ରଚନାବଳୀ ମାଧ୍ୟମରେ ସୁଇଡିସ୍ ସମାଜ ଏବଂ ଜୀବନକୁ ନୂତନ ଦୃଷ୍ଟିକୋଣରୁ ତୋଳି ଧରିଥିଲେ । ନୋବେଲ କମିଟି ତାଙ୍କର ପୁରସ୍କାର ଘୋଷଣାପତ୍ରରେ ଉଲ୍ଲେଖ କରିଥିଲେ, ତାଙ୍କ ରଚନାରେ ଉଚ୍ଚ ଆଦର୍ଶବାଦ, ସମୃଦ୍ଧ କଳ୍ପନା ଏବଂ ଲେଖାରେ ଆତ୍ମିକ ବୋଧ ପାଇଁ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି । ଶିଶୁ ସାହିତ୍ୟ ରଚନାରେ ମଧ୍ୟ ତାଙ୍କର ଅବଦାନ ଅସାମାନ୍ୟ । The Won-derful Adventures of Nils ଭଳି ରୂପକଧର୍ମୀ ଗ୍ରନ୍ଥ ତାଙ୍କୁ ଅମର କରି ରଖିଛି । ଏହି ଗ୍ରନ୍ଥରେ ସୁଇଡେନ୍‌ର ଭୂଗୋଳ ଏବଂ ଐତିହ୍ୟକୁ ଉପସ୍ଥାପନ କରିବା ମାଧ୍ୟମରେ ସେଲ୍‌ମା ଶିଶୁମାନଙ୍କୁ ଶିକ୍ଷା ଓ ବିନୋଦନ ପ୍ରଦାନ କରିବାରେ ଅସାଧାରଣ କଳା କୁଶଳତା ପ୍ରଦର୍ଶନ କରିଛନ୍ତି ।

**ଗ୍ରାଜିଆ ଡେଲେଡ୍ଡା:** ଗ୍ରାଜିଆ ଡେଲେଡ୍ଡା ଇଟାଲୀର ସାର୍ଡିନିଆ ଦ୍ୱୀପରେ ୧୮୭୧ ମସିହାରେ ଜନ୍ମଗ୍ରହଣ କରିଥିଲେ । ଶୈଶବରେ କୌଣସି ଆନୁଷ୍ଠାନିକ ଶିକ୍ଷାଲାଭ କରିବାର ସୁଯୋଗ ପାଇ ନ ଥିଲେ । ନିଜ ପ୍ରଚେଷ୍ଟାରେ ହିଁ ସେ ପଢ଼ିବା, ଲେଖିବା ଶିଖିଥିଲେ ଏବଂ ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିଥିଲେ । ତାଙ୍କ ରଚନାରେ ଗ୍ରାମ୍ୟ ଜୀବନ ବିଶେଷତଃ ନିଜ ଅଞ୍ଚଳ ସାର୍ଡିନିଆର ଜନସାଧାରଣଙ୍କ ଦୁଃଖ କଷ୍ଟ ଓ ସଂଗ୍ରାମର କଥା ପ୍ରକାଶ କରିଛନ୍ତି, ଯେଉଁଥିରେ ସାମାଜିକ ଦାୟିତ୍ୱବୋଧ ଏବଂ ମନୁଷ୍ୟର ଅନ୍ତର୍ଦ୍ୱନ୍ଦ୍ୱ ଖୁବ୍ ସ୍ପଷ୍ଟ । ଗ୍ରାଜିଆଙ୍କ ବିଖ୍ୟାତ ଉପନ୍ୟାସ 'କାନ୍ନ ଅଲ ଭେଣ୍ଟୋ' ମନୁଷ୍ୟର ଦୁର୍ବଳତା ଏବଂ ସାମାଜିକ ସମସ୍ୟାର ଗୋଟିଏ ବିଶଦ ଚିତ୍ର ତୋଳି ଧରିଛି । ୧୯୨୬ ମସିହାରେ ତାଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ନୋବେଲ କମିଟି ତାଙ୍କର ଘୋଷଣାନାମାରେ ପ୍ରକାଶ କରିଥିଲେ, ''ତାଙ୍କ ରଚନାରେ ତାଙ୍କର ଆଦର୍ଶଗତ ଗଭୀରତା ଏବଂ ବାସ୍ତବଧର୍ମୀ ଚିତ୍ରାୟନ ପାଇଁ ତାଙ୍କୁ ସମ୍ମାନିତ କରାଯାଉଛି।'' ଏହି ପ୍ରତିଭାମୟୀ ଲେଖିକା ୧୯୩୬ ମସିହାରେ ମୃତ୍ୟୁବରଣ କରିଥିଲେ । ଆଜି ମଧ୍ୟ ଗ୍ରାଜିଆଙ୍କ ରଚନାବଳୀ ଖୁବ୍ ପ୍ରାସଙ୍ଗିକ ଏବଂ ପ୍ରଭାବଶାଳୀ ମନେହୁଏ ।


**ସିଗ୍ରିଡ୍ ଅନ୍‌ଡସେଟ୍ :** ସିଗ୍ରିଡ୍ ଅନ୍‌ଡସେଟ୍ ୧୮୮୨ ମସିହାରେ ଡେନ୍‌ମାର୍କଠାରେ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ନରୱେଠାରେ ତାଙ୍କର ଶୈଶବ, କୈଶୋର ଏବଂ ଯୌବନର ଅଧିକାଂଶ ସମୟ ଅତିବାହିତ । ପିଲାଦିନେ ବାପାଙ୍କ ପ୍ରେରଣାରୁ ଇତିହାସ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଜନ୍ମିଥିଲା ଏବଂ ପରବର୍ତ୍ତୀ କାଳରେ ସେହି ଆଗ୍ରହ ତାଙ୍କ ସୃଷ୍ଟିର ପ୍ରଧାନ ଅନୁପ୍ରେରଣା ଭାବରେ କାର୍ଯ୍ୟ କରିଛି । ଅନ୍‌ଡସେଟ୍ ତାଙ୍କର ସୃଷ୍ଟି ମାଧ୍ୟମରେ ମଧ୍ୟଯୁଗୀୟ ନରୱେର ସାମାଜିକ, ଧର୍ମୀୟ ଏବଂ ନୈତିକ ଜୀବନର ପ୍ରତିଛବି ତୋଳି ଧରିଛନ୍ତି । ୧୯୨୮ ମସିହାରେ Kristin Lavarnsdatter ଉପନ୍ୟାସ ପାଇଁ ତାଙ୍କୁ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ଉପନ୍ୟାସରେ ସେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ନାରୀର ଜୀବନ, ତା'ର ଧର୍ମ ଏବଂ ନୈତିକତାର ଦ୍ୱନ୍ଦ୍ୱକୁ ନେଇ ଗଭୀର ଆଲୋଚନା କରିଛନ୍ତି । ଅନ୍‌ଡସେଟ୍ ନିୟମିତ ଲେଖୁଥିଲେ ଏବଂ ତାଙ୍କ ସୃଷ୍ଟିର ବାସ୍ତବଧର୍ମୀ ଗଭୀରତା ତାଙ୍କୁ ବ୍ୟାପକ ଜନପ୍ରିୟତା ଆଣି ଦେଇଥିଲା ।

**ପର୍ଲ ଏସ୍ ବକ୍ :** ଆମେରିକାନ୍ ଲେଖିକା ପର୍ଲ ଏସ୍ ବକ୍ ୧୮୯୨ ମସିହାରେ ଭର୍ଜିନିଆଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପା ଥିଲେ ମିଶନାରି , ଫଳତଃ ବାପାଙ୍କ ସହ ଚାଇନାରେ ହିଁ ତାଙ୍କ ଜୀବନର ଅଧିକାଂଶ ସମୟ କଟିଥିଲା । ପିଲାଦିନରୁ ଚାଇନା ସଂସ୍କୃତି ଏବଂ ଭାଷା ସହ ତାଙ୍କର ପରିଚୟ ହୋଇଥିଲା । ଚାଇନାର ଚଳଣୀ ଏବଂ ସଂସ୍କୃତି ତାଙ୍କ ରଚନାରେ ଗଭୀର ପ୍ରଭାବ ପକାଇଥିଲା । ତାଙ୍କ ରଚିତ 'ଦ ଗୁଡ୍ ଆର୍ଥ' ଉପନ୍ୟାସ ୧୯୩୧ ଏବଂ ୧୯୩୨ ମସିହାରେ ମାର୍କିନ ଯୁକ୍ତରାଷ୍ଟ୍ରରେ ସର୍ବାଧିକ ବିକ୍ରି ହୋଇଥିବା ଉପନ୍ୟାସର ମାନ୍ୟତା ହାସଲ କରିଥିଲା । ୧୯୩୨ ମସିହାରେ ପର୍ଲ ଏସ୍ ବକ୍ ପୁଲିତ୍‌ଜର ପୁରସ୍କାର ପାଇଥିଲେ । ୧୯୩୮ ମସିହାରେ ତାଙ୍କୁ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା । ତାଙ୍କର ସତ୍ୟନିଷ୍ଠ ବର୍ଣ୍ଣନା ଏବଂ ସହମର୍ମିତା ପାଇଁ ତାଙ୍କୁ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିବା କଥା ସୁଇଡିସ୍ ନୋବେଲ କମିଟି ଉଲ୍ଲେଖ କରିଥିଲେ । ତାଙ୍କର ସର୍ବଶ୍ରେଷ୍ଠ କୃତି 'ଦ ଗୁଡ୍ ଆର୍ଥ' ର ମହାକାବ୍ୟିକ ବର୍ଣ୍ଣନା ମାଧ୍ୟମରେ ସେ ପାଶ୍ଚାତ୍ୟ ସମାଜ ନିକଟରେ ଚାଇନାର କୃଷକ ଜୀବନର ପରିପୂର୍ଣ୍ଣ ତଥା ମାନବିକ ଦିଗ ଉପସ୍ଥାପନ କରିଛନ୍ତି । ସାହିତ୍ୟ ସର୍ଜନାକୁ ସେ ପୂର୍ବ ଓ ପଶ୍ଚିମର ସଂସ୍କୃତିଗତ ପାର୍ଥକ୍ୟର ସେତୁ ଭାବରେ ବ୍ୟବହାରକରି ମାନବ ଜୀବନର ଗଭୀର ଦିଗ ସବୁକୁ ପ୍ରତିଫଳିତ କରିଛନ୍ତି ଏବଂ ଏହି କାରଣରୁ ହିଁ ସେ ନୋବେଲ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ ।

**ଗାବ୍ରିଏଲା ମିଷ୍ଟ୍ରାଲ :** ଗାବ୍ରିଏଲା ମିଷ୍ଟ୍ରାଲ ୧୮୮୯ ମସିହାରେ ଚିଲିରେ ଜନ୍ମ ଗ୍ରହଣ କରିଥିଲେ । ଶୈଶବରେ →




ଏନି ଏର୍ନୋକ୍ସ





ହାର୍ଟା ମୁଲର୍


ନାଦିନ ଗୋର୍ଡିମର


ଡୋରିସ ଲେସିଂ



ଗ୍ରାଜିଆ ଡେଲେଡ୍ଡା

ଶିକ୍ଷୟିତ୍ରୀ ହେବାର ସ୍ୱପ୍ନ ଦେଖୁଥିଲେ । କିନ୍ତୁ ସାହିତ୍ୟ ସାଧନାରେ ହିଁ ଆଜୀବନ ନିଜକୁ ନିୟୋଜିତ କରି ରଖିଥିଲେ ଏହି ପ୍ରତିଭାମୟୀ କବି । ତାଙ୍କର କବିତା ପ୍ରେମ, ଶୋକ ଏବଂ ଲାଟିନ ଆମେରିକାର ସାମାଜିକ ତଥା ରାଜନୈତିକ ଜୀବନର ପ୍ରତିଛବି । ମାନବିକ ଅନୁଭୂତିର ଗଭୀରତା ତାଙ୍କ ରଚନାରେ ଫୁଟି ଉଠିଛି । ଆଲୋଚକମାନଙ୍କ ମତରେ ତାଙ୍କର ଅଧିକାଂଶ କବିତାର କେନ୍ଦ୍ରୀୟ ବିଷୟବସ୍ତୁ ପ୍ରକୃତି, ପ୍ରେମ, ବିଶ୍ୱାସଘାତକତା, ମାତୃସ୍ନେହ, ଦୁଃଖ ଏବଂ ତହିଁରୁ ନିଷ୍କୃତି, ଭ୍ରମଣ ଓ ଦେଶୀୟ ଆମେରିକାନ ପରିଚିତି ଭାବରେ ଆତ୍ମ ପ୍ରକାଶ କରିଛି । ବିଖ୍ୟାତ କବି ପାବଲୋ ନେରୁଦା ଏହି କବିଙ୍କ ଦ୍ୱାରା କୈଶୋରରେ ଅନୁପ୍ରେରିତ ହେବା ସ୍ୱୀକାର କରିଛନ୍ତି । ତାଙ୍କର ବିଖ୍ୟାତ ସୃଷ୍ଟି Sonetos de La Muerte ( ମୃତ୍ୟୁର ସନେଟ୍)ରେ ବ୍ୟକ୍ତିଗତ ଶୋକ ଏବଂ ମନୁଷ୍ୟର ଆଧ୍ୟାତ୍ମିକ ଯାତ୍ରାର କାହାଣୀ ବର୍ଣ୍ଣିତ ହୋଇଅଛି । ୧୯୪୫ରେ ସେ ପ୍ରଥମ ଲାଟିନ ଆମେରିକୀୟ ନାରୀ ଭାବରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ ।

**ନେଲି ସକସ:** ନେଲି ସକସ ଇହୁଦୀ ବଂଶୋଦ୍ଭବ ଜର୍ମାନ-ସୁଇଡିସ କବି, ଯିଏ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନାଜିମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ସୁଇଡେନ ଚାଲିଯାଇ ଆଶ୍ରୟ ନେଇଥିଲେ । ଜୀବନର ଏହି ଭୟାବହ ଅଭିଜ୍ଞତା ତାଙ୍କ ସାହିତ୍ୟ ସୃଷ୍ଟିରେ ଗଭୀର ପ୍ରଭାବ ବିସ୍ତାର କରିଛି । ତାଙ୍କର ସବୁଠାରୁ ବିଖ୍ୟାତ ସୃଷ୍ଟି 'O The Chimneys', ଯାହା ଇହୁଦୀମାନଙ୍କର ଦୁର୍ଦ୍ଦଶା ଏବଂ ବେଦନାଦାୟକ ମୃତ୍ୟୁକୁ ନେଇ ରଚିତ । ତାଙ୍କର କବିତା ଏବଂ ନାଟକ ଗୁଡ଼ିକ ଗଭୀର ସହାନୁଭୂତିର ବାର୍ତ୍ତା ପ୍ରଦାନ କରିଥାଏ । ୧୯୬୬ ମସିହାରେ ଏହି ମହାନ କବିଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ତାଙ୍କର ରଚନାବଳୀ କେବଳ ଇହୁଦୀମାନଙ୍କର ଦୁର୍ଭାଗ୍ୟ ନୁହେଁ, ମାନବ ଜାତିର ସହନଶୀଳତାର ପ୍ରତୀକ ।

**ନାଦିନ ଗୋର୍ଡିମର:** ନାଦିନ ଗୋର୍ଡିମର ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିରୋଧୀ ଆନ୍ଦୋଳନର ଅନ୍ୟତମ ଶକ୍ତିଶାଳୀ କଣ୍ଠସ୍ୱର ଭାବରେ ପରିଚିତ । ୧୯୨୩ ମସିହାରେ ଜନ୍ମଗ୍ରହଣ କରିଥିବା ଗୋର୍ଡିମର ତାଙ୍କ ଜୀବନର ଅଭିଜ୍ଞତା ସବୁକୁ ଭିତ୍ତିକରି ଏଭଳି ସାହିତ୍ୟ ସୃଷ୍ଟି କରିଥିଲେ, ଯାହା ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧରେ ପ୍ରତିବାଦର ସ୍ୱର ଥିଲା । ଗୋର୍ଡିମରଙ୍କ ବିଖ୍ୟାତ ଉପନ୍ୟାସ 'ବର୍ଗର୍ସ ଡଟର୍' ଗୋଟିଏ ପରିବାରର ସଂଗ୍ରାମର କାହାଣୀ, ଯେଉଁମାନେ ବର୍ଣ୍ଣବାଦୀ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଏହି ଉପନ୍ୟାସଟି ଦକ୍ଷିଣ ଆଫ୍ରିକାର ରାଜନୈତିକ ଅବସ୍ଥାର ଏକ ବାସ୍ତବ ପ୍ରତିଛବି, ଯାହା ଆନ୍ତର୍ଜାତିକ ପ୍ରଶଂସା ଲାଭ କରିଥିଲା । କିନ୍ତୁ ଗୋର୍ଡିମରଙ୍କ ରଚିତ 'ବର୍ଗର୍ସ ଡଟର୍' ଏବଂ 'ଜୁଲାଇସ୍ ପିପୁଲ୍' ଉପନ୍ୟାସ ଦୁଇଟିକୁ ତତ୍କାଳୀନ ବର୍ଣ୍ଣବାଦୀ ଶାସକଙ୍କ ଦ୍ୱାରା ନିଷିଦ୍ଧ ଘୋଷଣା କରାଯାଇଥିଲା । ତାଙ୍କ ରଚନା ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବାଦର ଶିକାର ହୋଇଥିବା ମନୁଷ୍ୟମାନଙ୍କର ଅଭିଜ୍ଞତା ତୋଳି ଧରେ ଏବଂ ତାହା ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରିବା ପାଇଁ ଗୋଟିଏ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରିଥାଏ । ଗୋର୍ଡିମରଙ୍କ ସାହିତ୍ୟ ''ମାନବିକ ଅଭିଜ୍ଞତାର ଗଭୀର ପ୍ରତିଫଳନ ଏବଂ ବର୍ଣ୍ଣବାଦ ବିରୋଧୀ ସଂଗ୍ରାମରେ ତାଙ୍କର ସାହସିକ ଅବସ୍ଥାନ'' ପାଇଁ ୧୯୯୧ରେ ତାଙ୍କୁ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା ।

**ଟୋନି ମରିସନ:** ଟୋନି ମରିସନ ପ୍ରଥମ ଆଫ୍ରିକୀୟ ଆମେରିକାନ ନାରୀ ଯିଏ ସାହିତ୍ୟରେ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି । ଟୋନି ମରିସନ ୧୯୩୧ମସିହାରେ ଓହାୟୋଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନାରେ ଆଫ୍ରିକୀୟ ଆମେରିକାନ ଅଭିଜ୍ଞତା, ବିଶେଷ ଭାବରେ ଦାସତ୍ୱର ଭୟାବହତା ଏବଂ ପରବର୍ତ୍ତୀ ପିଢି ଉପରେ ତାହାର ପ୍ରଭାବର ଚିତ୍ର ଅତି ଜୀବନ୍ତ ଏବଂ ମାର୍ମିକ । ଟୋନି ମରିସନଙ୍କର ଶ୍ରେଷ୍ଠ ସୃଷ୍ଟି 'ବିଲଭଡ୍' ଜଣେ ଦାସୀର କାହାଣୀ, ଯିଏ ତା'ର ସନ୍ତାନକୁ ଦାସତ୍ୱରୁ ରକ୍ଷା କରିବା ପାଇଁ ଚରମ ପଦକ୍ଷେପ ଗ୍ରହଣ କରିଛି । ଟୋନି ମରିସନଙ୍କ ରଚନାରେ ଦାସତ୍ୱର ଭୟାବହତା ଏବଂ ତାହାର ପରବର୍ତ୍ତୀ ସାମାଜିକ ଓ ମାନସିକ ପ୍ରଭାବ ବିଶେଷ ଭାବରେ ପ୍ରକାଶ ପାଇଛି । ଟୋନି ମରିସନଙ୍କ ସାହିତ୍ୟ ମାନବିକ ସତ୍ୟକୁ ଧାରଣ କରିଥାଏ ବୋଲି ୧୯୯୩ରେ ନୋବେଲ କମିଟିର ପୁରସ୍କାର ଘୋଷଣାନାମାରେ ପ୍ରକାଶ କରାଯାଇଥିଲା ।




ଏଲଫ୍ରିଡ ଜେଲିନେକ




**ଭିସଲାଭା ଶିମବୋରସ୍କା :** ଭିସଲାଭା ଶିମବୋରସ୍କା ଥିଲେ ପୋଲାଣ୍ଡର କବି, ଯିଏ ଦୈନନ୍ଦିନ ଜୀବନର ସାଧାରଣ ଘଟଣାକୁ ଗଭୀର ମାନବିକ ଅନୁଭୂତିର ସହିତ ସଂଯୁକ୍ତ କରିଛନ୍ତି । ତାଙ୍କ କବିତାରେ ମନୁଷ୍ୟ ଜୀବନର ବାସ୍ତବ ଚିତ୍ର ଫୁଟି ଉଠେ । ଶିମବୋରସ୍କାଙ୍କ କବିତା ଗୁଡ଼ିକ ଆକାରରେ ଖୁବ କ୍ଷୁଦ୍ର ହେଲେ ମଧ୍ୟ ସେଗୁଡ଼ିକରେ ଜୀବନ ଏବଂ ଅସ୍ତିତ୍ୱ ସମ୍ପର୍କରେ ଭାବିବା ପାଇଁ ପାଠକଙ୍କୁ ବାଧ୍ୟ କରିଥାଏ । ତାଙ୍କର ଶ୍ରେଷ୍ଠ କୃତି 'ନଥିଙ୍ଗ୍ ଟ୍ୱାଇସ୍' ମନୁଷ୍ୟ ଜୀବନର ଅମୂଲ୍ୟ ମୁହୂର୍ତ୍ତ କିପରି ବାରମ୍ବାର ଫେରି ଆସେନାହିଁ - ତାହାକୁ ଉପଜୀବ୍ୟ କରି ରଚିତ ହୋଇଛି । କବିତା ମାଧ୍ୟମରେ ଗଭୀର ମାନବିକ ଅନୁଭୂତି ଏବଂ ସାଧାରଣ ଜୀବନର ସୂକ୍ଷ୍ମତା ତୋଳି ଧରିଥିବା ହେତୁ ତାଙ୍କୁ ୧୯୯୬ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

**ଏଲଫ୍ରିଡ ଜେଲିନେକ:** ଏଲଫ୍ରିଡ ଜେଲିନେକ ଅଷ୍ଟ୍ରିୟାର ସାହସୀ ଏବଂ ବିବାଦୀୟ ଲେଖିକା, ଯିଏ ପିତୃକୈନ୍ଦ୍ରିକ ସମାଜ ଏବଂ ନାରୀମାନଙ୍କ ଉପରେ ହେଉଥିବା ସାମାଜିକ ଉତ୍ପୀଡ଼ନ ବିରୋଧରେ ତୀବ୍ର ସମାଲୋଚନା କରିଛନ୍ତି । ତାଙ୍କର ବିଖ୍ୟାତ ଉପନ୍ୟାସ 'ଦ ପିଆନୋ ଟିଚର' ଜଣେ ନାରୀର ମାନସିକ ଏବଂ ଶାରିରୀକ ନିର୍ଯ୍ୟାତନାର କାହାଣୀ । ଜେଲିନେକଙ୍କ ସାହିତ୍ୟରେ ନାରୀର ଅବସ୍ଥାନର ଚିତ୍ର ଯେତେ ମାର୍ମିକ, ପୁରୁଷକୈନ୍ଦ୍ରୀକ ସମାଜ ବରୋଧରେ ବିଦ୍ରୋହ ସେତିକି ତୀବ୍ର, ଯେଉଁପାଇଁ ୨୦୦୪ ମସିହାରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଜେଲିନେକଙ୍କ ସାହିତ୍ୟର ଭାଷା ଶାଣିତ, ତୀବ୍ର ଏବଂ ରୋକଠୋକ, ଯାହା ତାଙ୍କୁ ଜଣେ ଅସାଧାରଣ ସାହସୀ ଲେଖିକାର ମର୍ଯ୍ୟାଦା ପ୍ରଦାନ କରେ ।

**ଡୋରିସ ଲେସିଂ:** ଡୋରିସ ଲେସିଂ ୧୯୧୯ରେ ଇରାନରେ ଜନ୍ମଗ୍ରହଣ କରିଥିଲେ । ସେ ନାରୀବାଦ, ଉପନିବେଶବାଦ ଏବଂ ମନୁଷ୍ୟର ମନସ୍ତତ୍ତ୍ୱକୁ ନେଇ ଗଭୀର ଚିନ୍ତାଶୀଳ ରଚନାମାନ ଲେଖି ଯାଇଛନ୍ତି । ଜୀବନର ପ୍ରାରମ୍ଭିକ କାଳରେ ଜିମ୍ବାୱେଠାରେ ଅତିବାହିତ କରିଥିବା ଦିନସବୁ ତାଙ୍କ ରଚନାରେ ଗଭୀର ପ୍ରଭାବ ପକାଇଥିଲା । ତାଙ୍କର ଅନ୍ୟତମ ଶ୍ରେଷ୍ଠ କୃତି 'ଦ ଗୋଲ୍ଡେନ ନୋଟବୁକ୍' ନାରୀବାଦୀ ସାହିତ୍ୟର ଅନ୍ୟତମ ବିଖ୍ୟାତ ସୃଷ୍ଟି ଭାବରେ ବିବେଚିତ ହୋଇଥାଏ । ଲେସିଂଙ୍କର ସାହିତ୍ୟ ସାମାଜିକ ଓ ରାଜନୈତିକ ବିଷୟକୁ ଗଭୀର ଭାବରେ ବିଶ୍ଲେଷଣ କରେ ଏବଂ ଉପନିବେଶବାଦର ପ୍ରଭାବ ନେଇ ବିଶଦ ଆଲୋଚନା ମଧ୍ୟ କରେ । ୨୦୦୭ରେ ମାନବ ଜାତିର ଆଭ୍ୟନ୍ତରୀଣ ଏବଂ ବାହ୍ୟିକ ଦ୍ୱନ୍ଦ୍ୱର ବିଶଦ ଓ ଗଭୀର ପ୍ରତିଫଳନ ପାଇଁ ତାଙ୍କୁ ସାହିତ୍ୟରେ ନୋବେଲ →



ଲୁଇଜ ଗ୍ଲୁକ


ଗାବ୍ରିଏଲା ମିଷ୍ଟ୍ରାଲ


ଏଲିସ ମୁନରୋ




ସ୍ୱେତଲାନା ଆଲେକ୍ସିଭିଚ



ସିଗ୍ରିଡ୍ ଅନ୍‌ଡସେଟ୍


ଭିସଲାଭା ଶିମବୋରସ୍କା


ଟୋନି ମରିସନ


ଓଲ୍‌ଗା ତୋକାରଚୁକ


ସେଲ୍‌ମା ଲେଗାର୍ଲଫ


ନେଲି ସକସ


ପର୍ଲ ଏସ୍ ବକ୍

ପୁରସ୍କାର ପ୍ରଦାନ କରାଯାଇଥିଲା । ଲେସିଂଙ୍କର ସାହିତ୍ୟ ଆଜି ମଧ୍ୟ ପ୍ରାସଙ୍ଗିକ, ବିଶେଷତଃ ନାରୀବାଦ ଏବଂ ସାମ୍ରାଜ୍ୟବାଦ ବିଷୟରେ ରଚିତ ତାଙ୍କର ସାହିତ୍ୟ ବିଶ୍ୱବ୍ୟାପୀ ସାହିତ୍ୟପ୍ରେମୀମାନଙ୍କୁ ମୁଗ୍ଧ କରି ରଖିଛି ।

**ହାର୍ଟା ମୁଲର୍:** ହାର୍ଟା ମୁଲର ୧୯୫୩ ମସିହାରେ ରୋମାନିଆଠାରେ ଜନ୍ମଗ୍ରହଣ କରିଥିଲେ । ଜର୍ମାନ ଔପନ୍ୟାସିକା ହାର୍ଟା ମୁଲର ଏକ ଶକ୍ତିଶାଳୀ କଣ୍ଠସ୍ୱର । ସାହିତ୍ୟ ରଚନା ମାଧ୍ୟମରେ ରାଜନୈତିକ ନିପୀଡ଼ନ ଏବଂ ସାମାଜିକ ଅବିଚାର ବିରୋଧରେ ତାଙ୍କ ସ୍ୱର ସ୍ପଷ୍ଟ । ମୁଲର କମ୍ୟୁନିଷ୍ଟ ଶାସନକୁ ଦେଖିକି ବଢ଼ିଛନ୍ତି । ଯେଉଁଥିପାଇଁ ତାଙ୍କ ରଚନାରେ ସେହି ସମୟର ଯନ୍ତ୍ରଣାଶିକ୍ତ ଅଭିଜ୍ଞତା ସ୍ଥାନ ପାଇଛି । ତାଙ୍କର ଅନ୍ୟତମ ଶ୍ରେଷ୍ଠ କୃତି 'ଦ ହଙ୍ଗର୍ ଆଞ୍ଜେଲ' ଜଣେ ଶ୍ରମିକର ଜୀବନ ଏବଂ ତତ୍‌ସହିତ ସମାଜର ନିଷ୍ଠୁର ବାସ୍ତବତାର କାହାଣୀ ବ୍ୟକ୍ତ କରେ । ୧୯୮୭ ମସିହାରେ ରୋମାନିଆରୁ ନିର୍ବାସିତ ହେବାପରେ ମୁଲାର ଜର୍ମାନୀରେ ବସବାସ କରନ୍ତି । ସାହସୀ ଏବଂ ଗଭୀର ସାହିତ୍ୟିକ ପ୍ରଜ୍ଞା ତଥା ମାନବ ଜୀବନର ଅସହାୟତା ଏବଂ ସଂଗ୍ରାମକୁ ଅସାଧାରଣ ଭାବରେ ପ୍ରକାଶ କରିଥିବା ହେତୁ ମୁଲାରଙ୍କୁ ୨୦୦୯ରେ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

**ଏଲିସ ମୁନରୋ:** ୧୯୩୧ରେ ଜନ୍ମଗ୍ରହଣ କରିଥିବା ଏଲିସ ମୁନରୋ କାନାଡା କ୍ଷୁଦ୍ରଗଳ୍ପର ଶ୍ରେଷ୍ଠ ଗାଳ୍ପିକା । ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକରେ ସାଧାରଣ ମଣିଷର ଦୈନନ୍ଦିନ ଜୀବନର ସୂକ୍ଷ୍ମତା ଓ ଜଟିଳତାକୁ ସେ ପ୍ରକାଶ କରିଛନ୍ତି । ତାଙ୍କ ରଚନାର ବିଶେଷତ୍ୱ ହେଉଛି ଚରିତ୍ରମାନଙ୍କର ଆଭ୍ୟନ୍ତରୀଣ ସଂଗ୍ରାମ ଏବଂ ଜୀବନର କ୍ଷୁଦ୍ର ଅଥଚ ଗଭୀର ଘଟଣା ପ୍ରତି ତାଙ୍କର ମନଯୋଗ । ତାଙ୍କର ଶ୍ରେଷ୍ଠ କୃତି 'ଡିଅର୍ ଲାଇଫ୍' କ୍ଷୁଦ୍ରଗଳ୍ପ ସାହିତ୍ୟରେ ଏକ ଅନନ୍ୟ ଉଦାହରଣ, ଯେଉଁଥିରେ ମନୁଷ୍ୟ ଜୀବନର ଅଭିଜ୍ଞତା ସହଜ ଅଥଚ ଶକ୍ତିଶାଳୀ ଭାବରେ ଫୁଟି ଉଠିଛି । ଆଧୁନିକ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ଅଦ୍ୱିତୀୟ ଅବଦାନ ପାଇଁ ତାଙ୍କୁ ୨୦୧୩ରେ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ମୁନରୋଙ୍କ ଗଳ୍ପ ଗଭୀର ମାନବିକ ଅନୁଭୂତି ଏବଂ ସହଜ ଜୀବନ ମଝିରେ ଥିବା ଜଟିଳତାକୁ ଚମତ୍କାର ଢଙ୍ଗରେ ପ୍ରକାଶ କରେ, ଯାହା ତାଙ୍କୁ ବିଶ୍ୱବ୍ୟାପୀ କ୍ଷୁଦ୍ରଗଳ୍ପ ପ୍ରେମୀମାନଙ୍କ ନିକଟରେ ଜନପ୍ରିୟ କରାଇଛି ।

**ଓଲ୍‌ଗା ତୋକାରଚୁକ:** ପ୍ରଖ୍ୟାତ ଲେଖିକା ଓଲ୍‌ଗା ତୋକାରଚୁକ ୧୯୬୨ ମସିହାରେ ପୋଲାଣ୍ଡର ସୁଲେଖାତଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନାରେ ପୋଲାଣ୍ଡର ଇତିହାସ, ସମସାମୟିକ ସମାଜର ଜଟିଳତା ଏବଂ ମାନବିକ ଅନୁଭୂତିର ଗଭୀର ପ୍ରତିଫଳନ ଦେଖିବାକୁ ମିଳିଥାଏ । ତୋକାରଚୁକଙ୍କ ରଚନା ସର୍ବଦା ଭ୍ରମଣ, ସ୍ଥାନାନ୍ତର ଏବଂ ସମୟର ଚାରିପାଖରେ ଘୂରି ବୁଲୁଥାଏ । ତାଙ୍କର ବିଖ୍ୟାତ ଉପନ୍ୟାସ 'ଫ୍ଲାଇଟ୍ସ' ତାଙ୍କୁ ଆନ୍ତର୍ଜାତିକ ସ୍ତରରେ ସୁନାମ ଆଣି ଦେଇଥିଲା । ସେହି ଉପନ୍ୟାସରେ ସେ ଭ୍ରମଣ ଏବଂ ମାନବ ଅସ୍ତିତ୍ୱକୁ ନେଇ ବ୍ୟାଖ୍ୟା କରିଛନ୍ତି । ସେ ତାଙ୍କ ରଚନାରେ ପ୍ରଚଳିତ ପଦ୍ଧତିରୁ ବାହାରି ନୂତନ ଧରଣର ଉପସ୍ଥାପନାରେ ମନୋନିବେଶ କରିଛନ୍ତି । ରଚନାରେ ସମୟକାଳ ଏବଂ ଭ୍ରମଣ ପ୍ରତି ଆବେଗ ପୂର୍ଣ୍ଣ ସ୍ୱରଲିପି ତଥା ସୀମାନ୍ତ ବାହାରେ ବାସ୍ତବତାର ପ୍ରତିକୃତି ତୋଳି ଧରିଥିବା ହେତୁ ୨୦୧୮ରେ ତାଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

**ସ୍ୱେତଲାନା ଆଲେକ୍ସିଭିଚ :**୧୯୪୮ରେ ଜନ୍ମଗ୍ରହଣ କରିଥିବା ସ୍ୱେତଲାନା ଆଲେକ୍ସିଭିଚ ଜଣେ ବେଲାରୁଷିୟ ଲେଖିକା । ସାମ୍ବାଦିକତାରୁ ସାହିତ୍ୟ ଜଗତରେ ତାଙ୍କର ପ୍ରବେଶ ହୁଏ । ସେ ଏଭଳି ଜଣେ ଲେଖିକା, ଯିଏ ସାଧାରଣ ଲୋକଙ୍କର କଣ୍ଠସ୍ୱରକୁ ଇତିହାସର ଅଂଶରେ ପରିଣତ କରିଛନ୍ତି । ତାଙ୍କର ଉଲ୍ଲେଖଯୋଗ୍ୟ ସୃଷ୍ଟି 'ଭଏସେସ୍ ଫ୍ରମ ଚେର୍ନୋବିଲ୍', ଚେରନୋବିଲ ଦୁର୍ଘଟଣାର ପ୍ରତ୍ୟକ୍ଷ ଅଭିଜ୍ଞତାକୁ କେନ୍ଦ୍ରକରି ରଚିତ ହୋଇଛି । ଏହି ଉପନ୍ୟାସରେ ଦୁର୍ଯୋଗର ପ୍ରଭାବରେ ମନୁଷ୍ୟର ଜୀବନ କିପରି ବଦଳିଯାଏ, ତାହାକୁ ହିଁ ମୁଖ୍ୟ ବିଷୟ ଭାବରେ ଗ୍ରହଣ କରାଯାଇଛି । ଆଲେକ୍ସିଭିଚଙ୍କ ସାହିତ୍ୟ ତାଙ୍କର ବ୍ୟକ୍ତିଗତ ସାକ୍ଷାତ୍‌କାର ଭିତ୍ତିରେ ତିଆରି, ଯାହା ଇତିହାସ ଏବଂ ମନୁଷ୍ୟ ଜୀବନ ମଝିରେ ଯୋଗସୂତ୍ର ଗଢ଼ିତୋଳେ । ତାଙ୍କର ସାହିତ୍ୟ, ଯାହା ବ୍ୟକ୍ତିଗତ ଅଭିଜ୍ଞତା ମାଧ୍ୟମରେ ବୃହତ୍ତର ମାନବିକ ସତ୍ୟକୁ ତୋଳି ଧରିଛି, ସେଥିପାଇଁ ୨୦୧୫ ମସିହାରେ ତାଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା ।

**ଲୁଇଜ ଗ୍ଲୁକ:** ଲୁଇଜ ଗ୍ଲୁକ ଆମେରିକୀୟ କବି, ଯିଏ ୨୦୨୦ରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ । ୧୯୪୩ ମସିହାରେ ନ୍ୟୁୟର୍କ ଠାରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ କବିତାରେ ବ୍ୟକ୍ତିଗତ ଅଭିଜ୍ଞତା ଏବଂ ମାନସିକ ବିଶ୍ଳେଷଣର ଗଭୀରତା ଦେଖିବାକୁ ମିଳିଥାଏ । ତାଙ୍କ କବିତାର ଭାଷା ସହଜ କିନ୍ତୁ ତା'ରି ମାଧ୍ୟମରେ ସେ ଜୀବନର ଗଭୀର ଅର୍ଥ ଏବଂ ମାନବିକ ଅନୁଭୂତିର ପ୍ରତିଫଳନ ଘଟାଇଛନ୍ତି । ଗ୍ଲୁକଙ୍କର ବିଖ୍ୟାତ କବିତା ଗ୍ରନ୍ଥ 'ଦ ୱାଇଲ୍ଡ ଆଇରିସ୍' ପାଇଁ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ତାଙ୍କର କବିତା ମାନବିକ ଦୁଃଖ , ବିଚ୍ଛିନ୍ନତା ଏବଂ ଅସ୍ତିତ୍ୱର ଗଭୀରତମ ଅନୁଭୂତିକୁ ସହଜ ଭାଷାରେ ପ୍ରକାଶ କରିଥାଏ ।

**ଏନି ଏର୍ନୋକ୍ସ:** ଏନି ଏର୍ନୋକ୍ସ ଜଣେ ଫରାସୀ ଲେଖିକା ଯିଏ ୨୦୨୨ରେ ସାହିତ୍ୟରେ ନୋବେଲ ପୁରସ୍କାର ଲାଭ କରିଛନ୍ତି । ୧୯୪୦ରେ ଫ୍ରାନ୍ସର ନରମ୍ୟାଣ୍ଡିଠାରେ ସେ ଜନ୍ମଗ୍ରହଣ କରିଥିଲେ । ଏର୍ନୋକ୍ସଙ୍କ ରଚନା ସାଧାରଣତଃ ଆତ୍ମଜୀବନୀ ମୂଳକ , ଯେଉଁଥିରେ ସେ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ଏବଂ ସାମାଜିକ ପରିବର୍ତ୍ତନ ସହିତ ନିଜର ସମ୍ପର୍କକୁ ନେଇ ରଚିତ । ତାଙ୍କର ଅନ୍ୟତମ ଶ୍ରେଷ୍ଠ ରଚନା 'ଦ ଇୟର୍ସ' , ଯେଉଁଥିରେ ବ୍ୟକ୍ତିଗତ ଜୀବନ ଏବଂ ସମାଜର ବିବର୍ତ୍ତନକୁ ସେ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି । ଏର୍ନୋକ୍ସଙ୍କ ରଚନା ସମାଜର ଭିନ୍ନ ଭିନ୍ନ ସ୍ତରର ଅଭିଜ୍ଞତା ଏବଂ ନାରୀର ଭୂମିକା ପରିବର୍ତ୍ତନର ପ୍ରତିଫଳନ । ଜୀବନର ମୁହୂର୍ତ୍ତଗୁଡ଼ିକୁ ବିଶ୍ଳେଷଣ କରି ସେ ସେସବୁକୁ ସାମାଜିକ ଓ ରାଜନୈତିକ ପ୍ରେକ୍ଷାପଟରେ ନୂତନ ଭାବରେ ଚିନ୍ତା କରନ୍ତି, ଯାହା ତାଙ୍କର ରଚନାକୁ ବିଶେଷ ଭାବରେ ଆକର୍ଷଣୀୟ କରି ତୋଳିଥାଏ ।

**ହାନ କାଙ୍ଗ:** ୨୦୨୪ରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଛନ୍ତି ଦକ୍ଷିଣ କୋରିଆର ଅନ୍ୟତମ ପ୍ରଭାବଶାଳୀ ଲେଖିକା ହାନ କାଙ୍ଗ । ୧୯୭୦ରେ ଦକ୍ଷିଣ କୋରିଆର ଜୋୟାଂଜୁ ସହରରେ ହାନ କାଙ୍ଗ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନାରେ ତାଙ୍କର ଶୈଶବ ଓ ପାରିପାର୍ଶ୍ୱିକ ଅଭିଜ୍ଞତାଗୁଡ଼ିକ ଗଭୀର ପ୍ରଭାବ ପଡ଼ିଥିବା ସ୍ପଷ୍ଟ । ତାଙ୍କର ପ୍ରଥମ ଅଥଚ ଉଲ୍ଲେଖନୀୟ ଉପନ୍ୟାସ 'ଦ ଭେଜିଟେରିଆନ୍' ସମଗ୍ର ବିଶ୍ୱର ପାଠକମାନଙ୍କର ଭଲପାଇବା ହାସଲ କରିଛି । ଉକ୍ତ ଉପନ୍ୟାସରେ ଜଣେ ନାରୀର ପ୍ରତିରୋଧ ଏବଂ ସମାଜ ସହିତ ସଂଘାତର ଚିତ୍ର ରହିଛି । ଏହି ଉପନ୍ୟାସ ମାଧ୍ୟମରେ ସେ ମାନବତା, ନୃଶଂସତା ଏବଂ ସ୍ୱାଧୀନତାର ଜଟିଳତା ଅନ୍ୱେଷଣ କରିଛନ୍ତି, ଯାହା ସାହିତ୍ୟରେ ଏକ ନୂତନ ଧାରାର ସୂଚନା ପ୍ରଦାନ କରିଛି । ତାଙ୍କ ରଚନାର ଧାରା ସହଜ, ତେବେ ସେଥିରେ ଗଭୀର ଦର୍ଶନ ଏବଂ ମାନବିକ ଆବେଗର ସ୍ପର୍ଶ ରହିଥାଏ । ବ୍ୟକ୍ତିଗତ ଏବଂ ଗୋଷ୍ଠିଗତ ଜୀବନର ଅନ୍ଧକାର ଦିଗଗୁଡ଼ିକୁ ପ୍ରକାଶ କରିବାର ଅନନ୍ୟ କୌଶଳ ପାଇଁ ତାଙ୍କୁ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଛି । ତାଙ୍କର ସାହିତ୍ୟ କେବଳ କୋରିଆର ସମାଜକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ନୂତନ ଭାବରେ ଚିନ୍ତା କରିବା ପାଇଁ ବାଧ୍ୟ କରେ ।

**-ପ୍ରଦୀପ କୁମାର ରାୟ**
ମୋ:୯୪୩୭୫୩୪୭୭୩



# ଜୁଆଙ୍ଗଙ୍କ ଗୁନି ଅପା



**ଆ**ବଶ୍ୟକ ଶିକ୍ଷାର ଅଭାବରେ କିପରି ଆଦିବାସୀ ଲୋକମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅସୁବିଧାର ସମ୍ମୁଖୀନ ହେବା ସହିତ କିପରି ନାନା ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡ଼ିଥାନ୍ତି ତାହାକୁ ସେ ଅନୁଭବ କରିଥିଲେ । ଆଉ ନିଷ୍ପତ୍ତି ନେଇଥିଲେ ସେମାନଙ୍କୁ ଶିକ୍ଷାଦାନ ଦେବା ସହ ତାଙ୍କ ଜୀବନଶୈଳୀକୁ ଉନ୍ନତ କରିବା ଦିଗରେ କାମ କରିବେ । ଏମିତିରେ ସାରାଜୀବନ ଅବିବାହିତ ରହି ଦୀର୍ଘ ୩ ଦଶନ୍ଧି ଧରି ସେ ଜନମଙ୍ଗଳ କାର୍ଯ୍ୟ କରିଆସୁଛନ୍ତି । ସେ ହେଲେ **ଶର୍ମିଷ୍ଠା ମହାନ୍ତି** । ମାତା ନୟନା ଦେବୀ ଓ ପିତା ଚାରୁଚନ୍ଦ୍ର ମହାନ୍ତି । ଘର ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ବ୍ଲକ ଅଧୀନ ଅରିଲୋ ଗାଁରେ । ସେ କୁହନ୍ତି, 'ଆମର ଏକ ଜମିଦାର ଓ ରକ୍ଷଣଶୀଳ ପରିବାର । ଆମେ ୭ଭଉଣୀ, ମୋର ଗୋଟିଏ ଭାଇ । ପିଲାଟି ଦିନରୁ ଠାକୁରଙ୍କ ପୂଜାର୍ଚ୍ଚନା କରିବା ସହ ପୁରାତନ ଶାସ୍ତ୍ର ପାଠ କରିଥାଏ । ପିଲାବେଳେ ହୁଡ଼ାସାହିରେ ରହୁଥିବା ମୋ ପିଉସୀନାନୀ କନକମଞ୍ଜରୀ ମହାନ୍ତିଙ୍କର କେତୋଟି ସନ୍ତାନ ମରିଯାଇଥିଲେ । ସେଥିପାଇଁ ପ୍ରାୟ ୫/୬ବର୍ଷ ବୟସରୁ ମୋତେ ତାଙ୍କ ଘରକୁ ଝିଅକରି ଆଣିଥିଲେ । ପିଉସା ବୈଦ୍ୟନାଥ ମହାନ୍ତିଙ୍କୁ ବାପା ବୋଲି ଡାକୁଥିଲି । କିଛି ବର୍ଷ ପରେ ପିଉସୀନାନୀଙ୍କର ଏକ ଝିଅ ଜନ୍ମ ହୋଇଥିଲା । ସେତେବେଳକୁ ପିଉସା କଲିକତାରେ ଥିଲେ । ଘରେ କେବଳ ପିଉସୀନାନୀ, ନବଜାତକ ଝିଅ ଓ ମୁଁ ରହୁଥିଲୁ । ଏହି ସମୟରେ ମୋ ପିଉସୀନାନୀ ପାଗଳୀ ହୋଇଗଲେ । ଛୋଟପିଲାଙ୍କୁ ଦେଖିଲେ ମାରିଦେବାକୁ ଡରାଉଥିଲେ । ଘରୁ ସବୁ ଜିନିଷପତ୍ର ଫିଙ୍ଗାଫୋପଡ଼ା କରୁଥିଲେ । ସୁନାଗହଣା ନେଇ କେରାଣ୍ଡିଆ ନଈରେ ଫିଙ୍ଗି ଦେଇଥିଲେ । ଏମିତି ପରିସ୍ଥିତିରେ ପିଉସୀନାନୀଙ୍କ ଝିଅର ଯତ୍ନ ମୁଁ ନେଇଥିଲି । ସେହିସମୟରେ ଘରକୁ ପ୍ରତିଦିନ ରାଇମଣି ମଲିକ ନାମ୍ନୀ ଜଣେ ମହିଳା ଗାଈକ୍ଷୀର ଆଣିଦେଉଥିଲା । ଆମେ ଦୁଇଜଣ ଯାକ ସେଇ କ୍ଷୀର ଓ ବିସ୍କୁଟ ଖାଇ ରହୁଥିଲୁ । ଏମିତିରେ ପ୍ରାୟ ୩ବର୍ଷ ବିତିଗଲା । ପିଉସା ଘରକୁ ଆସିଲେ । ଆଉ ମୋତେ ଆମ ଗାଁରେ ନେଇ ଛାଡ଼ିଲେ । ମୁଁ ବାପା, ବୋଉଙ୍କ ସହ ଜମା ରହି ନ ଥିବାରୁ ତାଙ୍କୁ କିଛି ଡାକିପାରୁ ନ ଥିଲି । ବଡ଼ବାପା ବଡ଼ବୋଉ ମୋତେ ବହୁତ ଶ୍ରଦ୍ଧା କରୁଥିଲେ । ଆମ ଘରେ ଠାକୁର ପୂଜା, ପୁରାଣପାଠ ପଢ଼ିବା, ସଂକୀର୍ତ୍ତନ ପ୍ରତି ମୋର ଆଗ୍ରହ ବଢୁଥିଲା । ସବୁବେଳେ ନିରାମିଷ ଖାଦ୍ୟ ଖାଉଥିଲି । ମନରେ ଆଧ୍ୟାତ୍ମିକ ଭାବନା ଆସୁଥିଲା । ପୂର୍ବରୁ ପିଉସାଙ୍କ ଘରେ ରହୁଥିବା ବେଳେ ହୁଡ଼ାସାହି ୟୁଜିଏମ୍‌ଇ ସ୍କୁଲରେ ୫ମଶ୍ରେଣୀ ପାସକରିଥିଲି । ପରେ ଶୀତଳପାଟଣାରେ ୭ମଯାଏ ଏବଂ ଗାଁକୁ ଆସିବାରୁ କୋଲାର ହାଇସ୍କୁଲରେ ୮ମ ଶ୍ରେଣୀରେ ପଢୁଥାଏ । ଏହି ସମୟରେ ମୋର ଜଣେ ସାଙ୍ଗଙ୍କ ଭାଇର ବାହାଘର ହେଲା । ସେତେବେଳେ ଶାଶୁଘର ଲୋକମାନେ ନୂଆବୋହୂଙ୍କୁ କିଛି ଜିନିଷପତ୍ର ଆଣି ନ ଥିବାରୁ ବହୁତ ଅପମାନ କରି କଥା କହୁ ଥିବାରୁ ସେ କବାଟ କୋଣରେ କାନ୍ଦୁଥାନ୍ତି । ଏଦୃଶ୍ୟ ଦେଖି ବାପାଙ୍କୁ ଆସି ପଚାରିଥିଲି ଝିଅ ହେଲେ କ'ଣ ବିବାହ କରିବା ନିହାତି ଦରକାର କି ? ମୋ ପ୍ରଶ୍ନରେ ବାପା ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ । ସେ ମୋ କଥାର ଉତ୍ତର ନ ଦେଇ ମୋତେ ବାହାନା କରି ଭାତ ଖାଇବାକୁ ଡାକିଥିଲେ, ପୁଣି ତାଙ୍କୁ ପଚାରିବାରୁ ସେ କହିଲେ ନା ବିଭା ନ ହେଲେ ଚଳିବ । ଏକଥା ପଦକ ମୋ ମନକୁ ସର୍ବଦା ଆନ୍ଦୋଳିତ କରୁଥିଲା । ସମୟକ୍ରମେ ଏକାଦଶ ପାସ୍ କଲି । କଲେଜରେ ନାମଲେଖା ପାଇଁ କେତୋଟି ଜଣାଶୁଣା ମହାବିଦ୍ୟାଳୟରୁ ଇଣ୍ଟିମେଶନ ଆସିଥିଲା । ହେଲେ ମୋ ପୂର୍ବରୁ ଦୁଇ ଭଉଣୀ ଏକାଦଶ ପାସ୍ କରି ଘରେ ରହିଥାନ୍ତି ।ଏମିତି ପରିସ୍ଥିତିରେ ମୋ କଥାକୁ ବିଚାରକରି ଘରେ ହଁ ନାହିଁ ଭିତରେ ଗୋଟେବର୍ଷ ପାଇଁ ମୋ ପଢା ବନ୍ଦ ରହିଲା । ଗାଁର କେତେକ ପିଲାଙ୍କୁ ମାଗଣାରେ ଟିଉଶନ କରୁଥିଲି । ତା' ପରେ ସିଟି କଲି । ପରେ ବାଣୀବିହାରରେ ପଢିଲି । ସମୟକ୍ରମେ ଓଡ଼ିଆରେ ଏମ୍‌ଏ, ହିନ୍ଦୀରେ ରତ୍ନ, ଓଡ଼ିଶୀନୃତ୍ୟ ଏବଂ ଭୋକାଲ ବିଶାରଦ ଆଦି ଶିକ୍ଷାଲାଭ କଲି । ହିନ୍ଦୀ ଶିକ୍ଷକଭାବେ ଏକ୍ସଟରନାଲ ହୋଇ କେତେକ ସ୍କୁଲକୁ ଯାଉଥିଲି ।





୧୯୯୪ ମସିହା କଥା, ନୟାଗଡ଼ କଲେଜରେ ମୋର ଅଧ୍ୟାପକ ଭାବେ ଚାକିରି ପାଇଁ ନିଯୁକ୍ତି ମିଳିଥାଏ । କିନ୍ତୁ ବାବା ବଳିଆଙ୍କ ନିର୍ଦ୍ଦେଶରେ ସମାଜସେବା ପାଇଁ ମନ ବଳାଇଥିଲି । ତାଙ୍କ କଥାରେ ଗଣ୍ଡେ ଖାଇବା ଖଣ୍ଡେ ପିନ୍ଧିବାକୁ ମିଳିଲେ ଚଳିବ ବୋଲି ହଁ କରିଥିଲି । ତା'ପରେ ଆଉ ପଛକୁ ଫେରିନାହିଁ । ଚାକିରି ଛାଡ଼ି କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ପିଟାପିଟି ଗ୍ରାମପଞ୍ଚାୟତ ଅଧୀନ କୁଆଝରନକୁ ଆସିଲି । ଏଠାରେ ଜୁଆଙ୍ଗଙ୍କ ଘରେ, ଏବଂ ଜଣେ ଜୁଆଙ୍ଗଙ୍କ ଏକ ଭାଡ଼ିରେ କିଛିବର୍ଷ ରହିଲି । ସେହି ସମୟରେ ଜୁଆଙ୍ଗମାନଙ୍କର ନାନାପ୍ରକାର ସମସ୍ୟାକୁ ମୁଁ ଅନୁଭବ କଲି । ପରିଷ୍କାର ପରିଚ୍ଛନତାକୁ ନେଇ ତାଙ୍କ ଭିତରେ କେମିତି ଏକ ଅନ୍ଧବିଶ୍ୱାସ ଓ ଡ଼ର ରହିଥିଲା । ସେମାନଙ୍କ ମନରେ ଧାରଣା ଥିଲା ଯେ, ଲୁଗା ସଫାକଲେ କୁଆଡ଼େ ବାଘ ନେଇଯିବ । ଏମିତି ବହୁ ଅନ୍ଧବିଶ୍ୱାସ ସେମାନଙ୍କ ମନରୁ ଦୂରକରିବା ସହିତ କୌଣସି ପ୍ରକାରେ ସେମାନଙ୍କୁ ବୁଝାଇ ସୁଝାଇ କୁଆଝରନ ଗାଁର ୫୦ରୁ ୬୦ ପିଲାଙ୍କୁ ଶିକ୍ଷାଦାନ କରିଥିଲି । କିପରି ସେମାନଙ୍କର ସାମଗ୍ରିକ ବିକାଶ ହୋଇପାରିବ ସେଚିନ୍ତା ସବୁବେଳେ ଘାରୁଥିଲା । ତେଣୁ ତାଙ୍କରି ସହିତ ରହିବାର ନିଷ୍ପତ୍ତି ନେଲି । ଶେଷରେ ଏହି ବଣପାହାଡ଼ଘେରା କୁଆଝରନଠାରେ ଏକ ଆଶ୍ରମ ପ୍ରତିଷ୍ଠା କରି ଜୁଆଙ୍ଗମାନଙ୍କ ଶିକ୍ଷା, ସାମାଜିକ କ୍ଷେତ୍ରରେ ଭାଗୀଦାରି, ଆତ୍ମନିର୍ଭରଶୀଳତା, ସେବା, ଆଧ୍ୟାତ୍ମିକତା ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କଲି । ଏଇଠୁ ମୁଁ ଜାଣିଲି ସେମାନଙ୍କ ଭିତରେ କ'ଣସବୁ ସମସ୍ୟା ରହିଛି । ବିଭିନ୍ନ ଘଟଣାର ଅସଲ କାରଣକୁ ବୁଝି ତା'ର ସମାଧାନର ପନ୍ଥା ବାହାର କଲି । ଭାଗବତଟୁଙ୍ଗି ମାଧ୍ୟମରେ ଅନେକ ସମସ୍ୟାର ସମାଧାନ କରିପାରିଲି । ସେଇଠୁ ସେମାନଙ୍କ ପାଖରେ ମୁଁ ତାଙ୍କର ଜଣେ ନିଜର ଲୋକ ହୋଇଗଲି । ସମସ୍ତେ ଶ୍ରଦ୍ଧାରେ ଗୁନି ଅପା ଡାକିଲେ । ଆଉ ମୋ କାର୍ଯ୍ୟରେ ସହଯୋଗ କଲେ । ଏଠାରେ ଏକ ଶାନ୍ତି ଆଶ୍ରମ ପ୍ରତିଷ୍ଠା କରିବା ସହ ଜ୍ଞାନବିଜ୍ଞାନ ବିଦ୍ୟାଳୟ ଆରମ୍ଭ କଲି । ଯେଉଁଠି ପ୍ରଥମରୁ ୮ମ ଯାଏ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାର ଦାୟିତ୍ୱ ନେଇଛି । ଏହାସହ ଚାରୁନୟନା ଡ୍ୟାନ୍ସ ସ୍କୁଲ ବି ରହିଛି । ଆଜି ସେଠାରେ ଅନେକ କିଛି ପରିବର୍ତ୍ତନ ଘଟିସାରିଲାଣି । ମୋର ଏହି କାର୍ଯ୍ୟରେ ରମେଶଚନ୍ଦ୍ର ପରିଜାଙ୍କ ସହଯୋଗ ଓ ପ୍ରେରଣା ରହିଛି । ଏଯାଏ ଏହି ଅଞ୍ଚଳର ପ୍ରାୟ୪୦ଟି ଜୁଆଙ୍ଗ ଗାଁରେ ବିଭିନ୍ନ ଜନହିତକର କାର୍ଯ୍ୟ କରିଆସୁଛି । ଯେଉଁଥିରେ ପଡ଼ିଆ ଜାଗାରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷଲତା ଲଗାଇବା ସହିତ ଜୀବଜନ୍ତୁଙ୍କ ସୁରକ୍ଷା ଆଦି ରହିଛି । ଏମିତିରେ ଦୀର୍ଘ ୩୨ବର୍ଷ ବିତିସାରିଲାଣି । ଶାନ୍ତି ଆଶ୍ରମର ଭାଇଭଉଣୀ ଓ ଅନ୍ୟମାନଙ୍କ ସାହାଯ୍ୟ ସହଯୋଗରେ ଏଯାଏ ସବୁକିଛି ସୁରୁଖୁରୁରେ ଚାଲିଛି । ଯାହା ମତେ ଆତ୍ମସମ୍ମାନ ଦେଇଛି ।

**-ବନବିହାରୀ ବେହେରା**







# ମହାସ୍ନାନ ୧

–ଦୀପ୍ତିମୟୀ ଶତପଥୀ

ଦୁଇଟି ଯୁଦ୍ଧ ପରେ ପତନ ଘଟିଥିବାରୁ ସ୍ଥାନଟିର ନାମ ପତନପୁର। ଏବେ ସବୁ ଲୋକ ଆପଣା ପରିସ୍ଥିତି ସୁଧାରିଲେଣି। ନିଜକୁ ଆଉ ନିଜର ସାତପୁରୁଷଙ୍କୁ ଉଦ୍ଧାର କରିବାକୁ କୁବେର ସାହୁ ମହାସ୍ନାନ ଉପଲକ୍ଷେ ପ୍ରୟାଗ ଯାତ୍ରା କଲେ। ମକର ସଂକ୍ରାନ୍ତି ପ୍ରାତଃକାଳରେ ନାକଚିପି ସାତଥର ବୁଡ଼ ପକେଇଲେ। ନେଇଥିବା ଜର୍କିନ୍‌ରେ ଗଙ୍ଗାଜଳ ଭରିଲେ। ଠେଲାପେଲା, ଦଳାଚକଟା ଭିତରେ ନିଜକୁ ସୁରକ୍ଷିତ ରଖି ଆତ୍ମସନ୍ତୋଷର ସହ ଗାଁକୁ ଫେରିଲେ। ନିଜ ଦୋକାନ 'କୁବେର ଭଣ୍ଡାର'ର କୋଣରେ କଳସୀଟିଏ ସ୍ଥାପନା କରାଗଲା। ପ୍ରୟାଗ ଯିବାକୁ ଅକ୍ଷମ ଥିବା ଅନେଶତ ଭାଗ ଲୋକ ଅତି ଅଳ୍ପରେ ପଚାଶ ଟଙ୍କାର ଜିନିଷଟିଏ କିଣିଲେ ତା'ସହ ପାଉଥିଲେ ହୋମିଓପାଥି କାଚ ଶିଶିରେ ଗଙ୍ଗାଜଳ। ପତନପୁରରେ ଏହିପରି ପୁଣ୍ୟ ଉପଲବ୍ଧ ହେଲା।

## ମହାସ୍ନାନ ୨

ପହଲା, ବୋଉର ହାତ ଧରି ଧରି ତୁଠ ପାହାଚରେ ବସେଇଲା। ତଳକୁ ଯାଇ ଦୁଇ ଗରା ପାଣି ଆଣି ତାକୁ ଗାଧେଇଦେଲା। ପୋଛି ଦେଉଦେଉ ପଚାରିଲା, "କୁବେର ସାହୁ ଦୋକାନରୁ ପ୍ରୟାଗ ଜଳ ଆଣିଦେବିକି?"
ପହଲା ବୋଉ କହିଲା, "କେତେ ତପ ବଳରୁ ତୋ' ପରା ପୁଅ ପାଇଚି। ନିତି ମହାସ୍ନାନ କରୁଚି। ଆଉ କିଛି ଲୋଡ଼ା ନାହିଁ। ମନସଫା ଥିଲେ ଗାଡ଼ିଆ ଗଙ୍ଗା।"

*–ବ୍ରହ୍ମପୁର, ମୋ:୯୦୭୮୬୮୫୨୪୭*

# ଯନ୍ତ୍ରଣାର ଉତ୍ସବ

–ସୁବ୍ରତ କୁମାର ପତି

କାହାକୁ କହିନି ଦୁନିଆର ଗହଳିରେ ଏକାକୀ ରହିଛି
ଦୌଡୁଥିବା ସହର ନିଶ୍ଚଳ ଦେଖିଛି
କାହାକୁ କହିନି
ଭିଡ଼ର କୋଳାହଳ ନିଃଶବ୍ଦ ଶୁଣିଛି
ଆଲୋକର ରୋଷଣିରେ ଅନ୍ଧାର ଦିଶିଛି ।
କାହାକୁ କହିନି
ସବୁ ଚିହ୍ନା ଚିହ୍ନା ଅଜଣା ଲାଗିଛି
ସମ୍ପର୍କର ବୋଝ ନିର୍ଦ୍ଦୟ ପ୍ରହାର ଦେଇଛି
ତଥାପି କାହାକୁ କହିନି
ନିରୂତା ଏକାକୀତ୍ୱରେ ନିଜକୁ ଖୋଜିଛି
ମୋ ଯନ୍ତ୍ରଣାକୁ ମୁଁ ଉତ୍ସବ ବନେଇଛି।

*–ସତ୍ୟଭାମାପୁର, ଖୋର୍ଦ୍ଧା*
*ମୋ: ୯୮୬୧୩୦୭୨୮୦*

# ସଂଜ୍ଞା

–ମହାଦେବ ପ୍ରଧାନ

ତମର ସଂଜ୍ଞା କ'ଣ ?
ତମେ ଅନ୍ତରର ପ୍ରତିଟି ଶବ୍ଦରେ
ଉପମିତ ସକଳ ପୂର୍ଣ୍ଣତା
ତମେ ପୁଣି ସବୁ ପୂର୍ଣ୍ଣତାର ଅନ୍ତରାଳେ ସ୍ଥିତ
ଭିତରର ଶୁଦ୍ଧ ଅପୂର୍ଣ୍ଣତା !
ତମେ ଥାଅ ଦୃଷ୍ଟପୂର୍ବ
ଉଚ୍ଚାରିତ ମୋ ଶବ୍ଦଙ୍କ ପ୍ରତିଟି ଫାଙ୍କରେ
ଥାଅ ମଧ୍ୟ ଅଦୃଶ୍ୟ, ଅଲିଖିତ,
ମୋ କବିତାର ରହସ୍ୟ ବୃନ୍ତରେ..
ତମେ ପୁଣି ଭିତର ଆଲୁଅରେ ଥାଅ
ଥାଏ ମୁଁ ତୁମ ଔଜ୍ଜ୍ୱଲ୍ୟ ଭିତରେ
କେବେ ମୋତେ ଟେକିଧର ତମେ
ଅବା ମୁଁ ଟେକିଧରେ
କାକର ଟୋପା ଯେମିତି ଟେକିଧରେ
ଶୈଶବର ସୂର୍ଯ୍ୟକୁ କୋଳରେ।
ତମେ ନିଶ୍ୱାସର ଉତ୍ତାପ ପରି
ଦୃଷ୍ଟିର ଚମକ ପରି
ମୋ ସତ୍ତାର ନୀଳବନେ
ପ୍ରସରୁ ଥିବା ଜନ୍ମ ଜନ୍ମର ରହସ୍ୟ ବାଂଶୁରୀ..
ତମର ସଂଜ୍ଞା କାହିଁ ?
ସୁସଜ୍ଜିତ ସ୍ତବକଟେ ପରି
ତମକୁ ଭେଟିଦେଲା ଭଳି ଅନୁରୂପ
ଶବ୍ଦଟିଏ କାହିଁ ?
ତମେ ହାତ ପାଆନ୍ତାରେ ଭାସମାନ
ଏମିତି ବସ୍ତୁ ଯେ
ହାତ ବଢ଼ାଏ ଅଥଚ ; ହାତ ପାଏ ନାହିଁ।

*–ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ*
*ମୋ:୮୨୪୯୫୧୬୭୭୬୫*

# ତମ ବିନା

–ପବିତ୍ର ବ୍ରହ୍ମପୁତ୍ର ନାୟକ

ମୁଁ ହାରି ଯାଉଥାଏ
ମୁଁ ଭାଙ୍ଗି ପଡୁଥାଏ
ମୋ ଭାଙ୍ଗିବା ପଣକୁ
କିଏ ପଢ଼ିପାରେ ତମ ବିନା।
ମୁଁ ଜଳି ଯାଉଥାଏ
ମୁଁ ମରି ଯାଉଥାଏ
ମୋ ମରିବା ପଣକୁ
କିଏ ଦେଖିପାରେ ତମ ବିନା।
ମୋ ଦେହରେ
କେତେ କ୍ଷତ କେତେ ବିକ୍ଷତ
କେତେ ଲୁହ କେତେ ଲହୁ
କେତେ ରୋଗ କେତେ ବ୍ୟାଧି
ମୋ ଭିତରେ
କେତେ ମୋହ କେତେ କୋହ
ଏସବୁକୁ କିଏ ଜାଣିଥାଏ ତମ ବିନା।
ମୁଁ ହାରି ଯାଉଥାଏ
ମୁଁ ଭାଙ୍ଗି ଯାଉଥାଏ
ମୁଁ ଜଳି ଯାଉଥାଏ
ମୁଁ ମରି ଯାଉଥାଏ
ପ୍ରିୟା ତମ ବିନା
ପ୍ରିୟା ତମ ବିନା।

*–ବିଏଲ୍ –୪୯, ଭି. ଏସ. ଏସ. ନଗର,*
*ଭୁବନେଶ୍ୱର,*
*ମୋ : ୯୪୩୭୭୯୪୦୦୦*



# ସମୟ ହୋଇ ନାହିଁ..


ଶ୍ରଦ୍ଧା

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି। ଶୁଣିବାକୁ ମିଳୁଛି ଯେ, ସେ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ହେଲେ ଏସବୁ ଆଲୋଚନାରେ ବର୍ତ୍ତମାନ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଏହି ଅଭିନେତ୍ରୀ। ସେ କହନ୍ତି, ''ଆପଣମାନେ ଏବେ ଯାହା ଶୁଣୁଛନ୍ତି ତାହା ପଛରେ ଟିକିଏ ହେଲେ ସତ୍ୟତା ନାହିଁ। କାରଣ ଏ ନେଇ ମୁଁ ଆଦୌ ଚିନ୍ତା ହିଁ କରିନାହିଁ। ମୋତେ ଅଯଥା ବଦନାମ କରିବା ପାଇଁ ଏଭଳି ଅପପ୍ରଚାର ଚାଲିଛି। ଏବେ ମୁଁ କେବଳ ଅଭିନୟ ଉପରେ ଫୋକସ୍ କରୁଛି। 'ସ୍ତ୍ରୀ ୨' ଦର୍ଶକାଦୃତ ହେବା ପରେ ମୁଁ ମୋ କ୍ୟାରିୟରକୁ ନେଇ ଆହୁରି ସିରିୟସ ହୋଇପଡିଛି। ବର୍ତ୍ତମାନ ମୋ ହାତରେ ଯେଉଁ କେତୋଟି ଅଫର ରହିଛି ତାହାକୁ ଭଲ ଭାବରେ ତର୍ଜମା କରୁଛି। ତରବର ହୋଇ ହଁ ମାରିଦେଲେ କିଛି ହେବ ନାହିଁ। ସେଗୁଡିକର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ରୋଲ୍‌କୁ ଭଲ ଭାବରେ ଆନାଲିସିସ୍ କରିବା ପରେ ଯାହା ନିଷ୍ପତ୍ତି ନେବି। ତେଣୁ ଏବେ ଘର ସଂସାର କରିବାର ମୋର କୌଣସି ଯୋଜନା ନାହିଁ। ଯେତେବେଳେ ସେହି ଶୁଭ ସମୟ ଆସିବ ମୁଁ ମୋ ପଟରୁ ସମସ୍ତଙ୍କୁ ଜଣାଇ ଦେବି।'' ନିକଟରେ ଏକ ମ୍ୟାରେଜ ପାର୍ଟିରେ ଯୋଗ ଦେବା ଅବସରରେ ସେ ଏଭଳି କହିଛନ୍ତି।

## ରୋହିତଙ୍କ ପ୍ରଶଂସାରେ ଜନ୍


ଜନ୍

ଜନ୍ ଆବ୍ରାହମ ଏବେ ନିର୍ଦ୍ଦେଶକ ରୋହିତ ସେଟ୍ଟିଙ୍କ ପ୍ରଶଂସାରେ ଶତମୁଖ। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। ହଁ, କଥା କ'ଣ କି ଗତ କିଛି ସପ୍ତାହ ଧରି ରୋହିତ ନିଜ ନୂଆ ସିନେମାର ମୁଖ୍ୟ ଭୂମିକା ପାଇଁ ଜଣେ ଦକ୍ଷ ଅଭିନେତାଙ୍କ ସନ୍ଧାନରେ ଥିଲେ। ଏଭଳି ରୋଲ୍ ପାଇଁ ସେ ପ୍ରଥମେ ଅଜୟ ଦେବଗନଙ୍କ ବିଷୟରେ ଚିନ୍ତା କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଥିଲା। ଏହି ଭୂମିକା ପାଇଁ ଜନ୍ ଆବ୍ରାହମ ହିଁ ବେଷ୍ଟ ବୋଲି ସେ ଭାବିଥିଲେ। ଆଉ କାଳବିଳମ୍ବ ନ କରି ତାଙ୍କ ସହ ମଧ୍ୟ ଯୋଗାଯୋଗ କରିଥିଲେ। ସେପଟେ ରୋହିତଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବାକୁ ସତେଯେମିତି ଜନ୍ ଅପେକ୍ଷା କରି ବସିଥିଲେ। ଆଉ ଏହି ନୂଆ ଅଫର୍‌ଟି ପାଇବା ମାତ୍ରେ ସେ ତାକୁ ସାଇନ୍ କରିସାରିଛନ୍ତି। ଏ ନେଇ ସେ କହନ୍ତି, ''ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫସରର ଜୀବନୀକୁ ନେଇ ଏହାକୁ ନିର୍ମାଣ କରାଯିବ। ଏଭଳି ଏକ ସୁନ୍ଦର ରୋଲ୍ ଯେ ମୋତେ ମିଳିବ ତାହାକୁ ମୁଁ ବିଶ୍ୱାସ କରିପାରୁନି। ଏ ନେଇ ରୋହିତଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ।'' ମୁମ୍ବାଇ ପୋଲିସ୍‌ର ଜଣେ ପରିଚିତ ପୋଲିସ କମିଶନର ରାକେଶ ମାରିଆଙ୍କ ଜୀବନୀ ଉପରେ ଏହି ଚିତ୍ରଟି ପ୍ରସ୍ତୁତ ହେବ।

# ଚାଲିଛି ଅଭ୍ୟାସ


କ୍ୟାଟ୍ରିନା

ରାଜ କୁମାର ରାଓ ଏବେ ଅଭ୍ୟାସରେ ବ୍ୟସ୍ତ। ଏପରି କି ଅନ୍ୟ ସବୁ କାମକୁ ପଛକୁ ରଖି ସେ ପ୍ରାକ୍ଟିସରେ ନିଜକୁ ନିୟୋଜିତ କରିଛନ୍ତି। ଏହାର କାରଣ ହେଲା, ସେ ବିଶିଷ୍ଟ କ୍ରିକେଟ୍ ଖେଳାଳୀ ତଥା ଭାରତୀୟ କ୍ରିକେଟ ଦଳର ପୂର୍ବତନ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ଓରଫ ଦାଦାଙ୍କ ଉପରେ ନିର୍ମିତ ହେବାକୁ ଯାଉଥିବା ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ତେଣୁ ଏବେ ସେ କେବଳ କ୍ରିକେଟ ପ୍ରାକ୍ଟିସରେ ବ୍ୟସ୍ତ ଅଛନ୍ତି। ଏ ବିଷୟରେ ରାଜ କୁମାର କହନ୍ତି, 'ଏଭଳି ଏକ ଭୂମିକା ମୋ ପାଇଁ ନିଶ୍ଚୟ ଏକ ଚ୍ୟାଲେଞ୍ଜ। ତଥାପି ତାହାକୁ କିପରି ଠିକ୍ ଭାବରେ ତୁଲାଇ ପାରିବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। ଯେହେତୁ ଦାଦା ଜଣେ ବାମହାତୀ ବ୍ୟାଟ୍‌ସମ୍ୟାନ୍, ତେଣୁ ସେଭଳି ଭଙ୍ଗୀରେ ବ୍ୟାଟିଂ କରିବା ଅଭ୍ୟାସ କରୁଛି। ଆଶା ରଖିଛି ଏହି ରୋଲ୍‌ଟିକୁ ମୁଁ ଠିକ୍ ଭାବରେ ତୁଲାଇ ପାରିବି।'' ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ବିକ୍ରମାଦିତ୍ୟ ମୋଟୱାନେ। ଏବେ ଏହି ଫିଲ୍ମ ପାଇଁ ଏକ ସୁନ୍ଦର ଟାଇଟଲର ସନ୍ଧାନରେ ଅଛନ୍ତି ନିର୍ଦ୍ଦେଶକ। ଚଳିତ ବର୍ଷ ଜୁଲାଇରୁ ଏହାର ଶୁଟିଂ ଆରମ୍ଭ ହେବ। ଏଥିପାଇଁ କୋଲକାତା ଏବଂ ଇଂଲଣ୍ଡକୁ ପ୍ରମୁଖ ଶୁଟିଂ ଲୋକେଶନ ଭାବରେ ଚୟନ କରାଯାଇଛି। ତେବେ ରାଜକୁମାର ରାଓ ଏଭଳି ଭୂମିକାରେ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ରିଲିଜ ପରେ ହିଁ ଜଣାପଡିବ।

# ବ୍ୟସ୍ତ ଅଛନ୍ତି ରଜନୀ


ମନୁ ଦ୍ୱୀବେଦୀ–ରଜନୀ ରଞ୍ଜନ

ଓଲିଉଡ୍‌ର ଅନ୍ୟତମ ଆଗଧାଡିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ସେ ଓଡ଼ିଆ ସିନେମା ସହ ଜଡିତ ଅଛନ୍ତି। ଅଧ୍ୟାପନାରୁ ଅବସର ନେବା ପରେ ସେ ସଂଳାପ ରଚନାରେ ସକ୍ରିୟ ଅଛନ୍ତି। ନିଜର ଏଭଳି ବ୍ୟସ୍ତମୟ କାର୍ଯ୍ୟକ୍ରମ ବିଷୟରେ ରଜନୀ କହନ୍ତି, 'ଏବେ ମୋର ବେଶ୍ କେତୋଟି ସିନେମା ରିଲିଜ ଅପେକ୍ଷାରେ ଅଛି। ତେବେ ମନୁ ଦ୍ୱିବେଦୀଙ୍କ 'ମିଡ୍ ନାଇଟ୍'କୁ ନେଇ ମୁଁ ବେଶୀ ଆଶାବାଦୀ ରହିଛି। କାରଣ ଏହାର ସଂଳାପ ରଚନା ସମୟରେ ମୋତେ ଟିକେ ଅଧିକ ସତର୍କ ହେବାକୁ ପଡିଥିଲା। ଆଉ ଏକ କଥା। ମୁଁ ଏବଂ ମନୁ ବାବୁ ପ୍ରାୟ ଏକାଠି ଓଡ଼ିଆ ସିନେମାରେ ଏଣ୍ଟ୍ରି କରିଥିଲୁ। ମୋ ସଂଳାପକୁ ଆଧାର କରି ନିର୍ମିତ 'ଏ ମନ ମାନେନା'ରେ ସେ ମଧ୍ୟ ଅଭିନୟ କରିଥିଲେ। ଏବେ ମଧ୍ୟ ଆମ ଦୁହିଁଙ୍କ ଭିତରେ ବନ୍ଧୁତା ଅତୁଟ ରହିଛି। 'ମିଡ୍ ନାଇଟ୍'ର ସେ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏହାବ୍ୟତୀତ ସବ୍ୟସାଚୀ ମହାପାତ୍ରଙ୍କ 'ରାଣ୍ଡି ପୁଅ ଅନନ୍ତା'ର ସଂଳାପ କିପରି ହୋଇଛି ତାହା ସିନେମା ଦେଖିବା ପରେ ଦର୍ଶକ ହିଁ ମତ ଦେବେ। ମୁଁ ପ୍ରତିଟି ସିନେମାର ସଂଳାପ ଲେଖିବା ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ଚେଷ୍ଟା କରେ।'' ରଜନୀଙ୍କ ସଂଳାପକୁ ଆଧାର କରି ରିଲିଜ ଅପେକ୍ଷାରେ ଥିବା ପ୍ରମୁଖ କେତୋଟି ସିନେମାଗୁଡିକ ହେଲା, 'ପରୀ', 'ସ୍କୁଲ ଡାଏରୀ' ଏବଂ 'ବବି ଔର ବେବି'।

## କେବଳ ରେଖାଙ୍କ ପାଇଁ..


ଐଶ୍ୱର୍ଯ୍ୟା

ଐଶ୍ୱର୍ଯ୍ୟା ରାୟବଚ୍ଚନ ବଲିଉଡ୍‌ରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ବଚ୍ଚନ ପରିବାରର ବୋହୂ ସାଜିବା ପରେ ମଧ୍ୟ ସେ ନିଜ ଆକ୍ଟିଂ କ୍ୟାରିୟର ଜାରି ରଖିଛନ୍ତି। ହେଲେ ସେ ଅଭିନେତ୍ରୀ ହେବା ପଛରେ ଜଣଙ୍କର ଭୂମିକା ରହିଛି ବୋଲି ନିକଟରେ ସୂଚନା ଦେଇଛନ୍ତି। ସେ କିଏ ଜାଣନ୍ତି ? ହିନ୍ଦୀ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ରେଖା। ରେଖାଙ୍କ ଅଭିନୟରେ ଅନୁପ୍ରାଣିତ ହୋଇ ଆଜି ସେ ଜଣେ ଆକ୍ଟ୍ରେସ ହୋଇପାରିଛନ୍ତି। ଏ ବିଷୟରେ ଐଶ୍ୱର୍ଯ୍ୟା କହନ୍ତି, ''ସତ କଥା କହିବାକୁ ଗଲେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ଟାଇଟଲ ଜିତିବା ପରେ ଅବଶ୍ୟ ମୋର ଅଭିନୟ ଆଡକୁ ମନ ଢ଼ଳିଥିଲା। ୧୯୯୭ରେ ମଣି ରତ୍ନମଙ୍କ ନିର୍ଦ୍ଦେଶିତ ତାମିଲ ଫିଲ୍ମ 'ଇରୁଭାର'ରେ ମୋତେ ପ୍ରଥମେ ସୁଯୋଗ ମିଳିଥିଲା। ଆଉ ତା'ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି। ହେଲେ ଜଣେ ଅଭିନେତ୍ରୀ ହେବାର ମୋ ନିଶାକୁ ଦ୍ୱିଗୁଣିତ କରିଥିଲେ ରେଖା। ବିଶେଷଭାବରେ ତାଙ୍କ ଅଭିନୟ ମୋତେ ଅଧିକ ପ୍ରଭାବିତ କରିଛି। କେବଳ ସେତିକି ନୁହେଁ, ସେ ଅଭିନୟ କରିଥିବା ପ୍ରାୟ ସମସ୍ତ ଫିଲ୍ମ ମୁଁ ଦେଖିସାରିଛି।'' ଐଶ୍ୱର୍ଯ୍ୟାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଔର ପ୍ୟାର୍ ହୋ ଗୟା' (୧୯୯୭)। ସେ ଆକ୍ଟିଂ କରିଥିବା ପ୍ରମୁଖ ଫିଲ୍ମଗୁଡିକ ମଧ୍ୟରେ ରହିଛି–'ଆ ଅବ୍ ଲୌଟ ଚଲେଁ', 'ହମ୍ ଦିଲ୍ ଦେ ଚୁକେ ସନମ୍', 'ତାଲ୍', 'ଜୋଶ୍', 'ଦେବଦାସ' ଏବଂ 'ଖାକି'। ସେ ପ୍ରାୟ ପାଞ୍ଚଟି ଭାଷାରେ ନିର୍ମିତ ୪୫ଟି ସିନେମାରେ ଅଭିନୟ କରିସାରିଲେଣି।

## ଯଦି ମହେଶ ବାବୁ-କ୍ୟାଟ୍ରିନା ରାଜି ହୋଇଥାଆନ୍ତେ..

ବର୍ତ୍ତମାନ ବଲିଉଡ୍‌ର ଅନ୍ୟତମ ହିଟ୍ ସିନେମା ତାଲିକାରେ ନିଜ ନାମକୁ ସାମିଲ କରିବାରେ ସକ୍ଷମ ହୋଇଛି 'ଛାୱା'। କେବଳ ସେତିକି ନୁହେଁ, ମାତ୍ର ଦିନ କେଇଟା ଭିତରେ ଚିତ୍ରଟି ୩୦୦କୋଟି କ୍ଲବରେ ସାମିଲ ହୋଇଛି। ଲକ୍ଷ୍ମଣ ଉତେକରଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଦିନକୁ ଦିନ ପ୍ରଶଂସା ସାଉଁଟିବା ସହ ଦର୍ଶକାଦୃତ ହେବାରେ ଲାଗିଛି। ଏହାର ମୁଖ୍ୟ ଭୂମିକା–ଛତ୍ରପତି ଶାମ୍ଭାଜୀ ମହାରାଜ ଭୂମିକାରେ ଭିକିଙ୍କ ନିଖୁଣ ଅଭିନୟ ଏବଂ ତା' ସହ ରଶ୍ମିକା ମନ୍ଦାନା, ଆଶୁତୋଷ ରାଣା ଏବଂ ଅକ୍ଷୟ ଖାନ୍ନାଙ୍କ ଆକ୍ଟିଂକୁ ଯେତେ ପ୍ରଶଂସା କରିବ ତାହା କମ୍ ହେବ। ହେଲେ ଗୋଟିଏ କଥା ଜାଣନ୍ତି ? ଛତ୍ରପତି ଶାମ୍ଭାଜୀ ମହାରାଜଙ୍କ ଭୂମିକା ପାଇଁ ଲକ୍ଷ୍ମଣଙ୍କର ପ୍ରଥମ ଚଏସ ଭିକି ନ ଥିଲେ। ଏହି ରୋଲ୍ ପାଇଁ ମହେଶ ବାବୁଙ୍କୁ ଅଫର ଦିଆଯାଇଥିଲା। ତା'ସହ ରଶ୍ମିକାଙ୍କ ଭୂମିକା–ୟେଶୁବାଇ ଭୋସଁଲେ ପାଇଁ କ୍ୟାଟ୍ରିନା କୈଫଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟ, ଉଭୟ ମହେଶ ବାବୁ ଏବଂ କ୍ୟାଟ୍ରିନା ଏଭଳି ଅଫରକୁ ହାତଛଡା କରିଥିଲେ। କାରଣ ଏହି ଫିଲ୍ମର ଶୁଟିଂ ପାଇଁ ଦୁହିଁଙ୍କ ପାଖରେ ଡେଟ୍ ସମସ୍ୟା ଥିଲା। ତା'ପରେ ଭିକି କୌଶଳ ଏବଂ ରଶ୍ମିକା ମନ୍ଦାନାଙ୍କୁ ନିର୍ଦ୍ଦେଶକ ସାଇନ୍ କରାଇଥିଲେ। ଯଦି ମହେଶ ବାବୁ ଏବଂ କ୍ୟାଟ୍ରିନା ଏହି ଫିଲ୍ମରେ ଅଭିନୟ କରିଥାଆନ୍ତେ, ହୁଏତ ତାହା ସେମାନଙ୍କ ଜୀବନର ଆଉ ଏକ ସଫଳ ସିନେମା ଭାବରେ ଗଣନା କରାଯାଇଥାଆନ୍ତା।


ମହେଶ ବାବୁ

# ବାପାଙ୍କ ପୁରୁଣା ସାଇକେଲକୁ ମରାମତି କରିଥିଲି

**ପ୍ରଥମ ରୋଜଗାର**



ଶିଶୁ ସାହିତ୍ୟିକ **ଆଚାର୍ଯ୍ୟ କ୍ଷିତୀଶ ଜେନା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଯା**ଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କଣ୍ଟିଗଡ଼ିଆ ଗାଁରେ ମୋ ଜନ୍ମ। ଆର୍ଥିକ ଦୁରବସ୍ଥା ଯୋଗୁ ମୋ ବାପା ଗୋପୀନାଥ ଜେନା ଉଚ୍ଚଶିକ୍ଷା ଲାଭ କରିପାରି ନ ଥିଲେ। ଯେତିକି ପଢିଥିଲେ ସେଥିରେ ଟ୍ୟୁଶନ କରି ମୋତେ ଆଉ ମୋ ସାନଭାଇକୁ ମଣିଷ କରିବାକୁ ସେ ତାଙ୍କ ଚେଷ୍ଟା ଜାରି ରଖିଥିଲେ। ଆମେ କେମିତି ସରକାରୀ ଶିକ୍ଷକ ଚାକିରି ପାଉ ସେଇଟା ହିଁ ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ସେଥିପାଇଁ ଗାଁ ହାଇସ୍କୁଲ୍‌ରୁ ମାଟ୍ରିକ ଏବଂ ବାବା ଭୈରବାନନ୍ଦ ମହାବିଦ୍ୟାଳୟରୁ ଯୁକ୍ତ୨ ପାସ୍ କରିବା ପରେ ବାପା ମୋ ନାଁ ଛତିଆଠାରେ ଥିବା ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟରେ ଲେଖାଇ ଦେଇଥିଲେ। ସଂସ୍କୃତରେ ବାପାଙ୍କର ଯେହେତୁ ଭଲ ଜ୍ଞାନ ଥିଲା ସେଥିପାଇଁ ସେ ଚାହୁଁଥିଲେ ମୁଁ ବି ସଂସ୍କୃତ ଅନର୍ସରେ ଗ୍ରାଜୁଏଶନ୍ ପାସ୍ କରେ। କିନ୍ତୁ ଆଡ୍‌ମିଶନର ଦୁଇମାସ ପରେ ସିଟି ଟ୍ରେନିଂ ପାଇଁ ଆବେଦନ ଫର୍ମ ବାହାରିବାରୁ ବାପା ସେଥିରେ ମୋର ଆପ୍ଲାଏ କରିଦେଲେ। ଯୋଗକୁ ପ୍ରଥମ ସିଲେକ୍‌ଶନ୍‌ରେ ମୋ ନାଁ ଖୋର୍ଦ୍ଧା ଶିକ୍ଷକ ତାଲିମ ପ୍ରତିଷ୍ଠାନ ପାଇଁ ଆସିଯିବାରୁ ମୁଁ ଛତିଆ କଲେଜରୁ ଟି.ସି. ନେଇ ଖୋର୍ଦ୍ଧାରେ ଥିବା ଜୟୀ ରାଜଗୁରୁ ଛାତ୍ରାବାସରେ ରହି ପଢିଲି। ଛାତ୍ରାବାସରେ ରହିବା, ଖାଇବା ଖର୍ଚ୍ଚ ସାଙ୍ଗକୁ ମୋ ହାତଖର୍ଚ୍ଚ ପାଇଁ ବାପାଙ୍କୁ ପ୍ରତିମାସରେ ପ୍ରାୟ ଦୁଇ ହଜାର ଟଙ୍କା ଦେବାକୁ ପଡୁଥିଲା। ସ୍ୱଳ୍ପ ରୋଜଗାରରେ ଘରକଥା ବୁଝିବା ସହ ମୋତେ ମଣିଷ କରିବା ପାଇଁ ବାପାଙ୍କୁ ଯେ କେତେ କଷ୍ଟ ସହିବାକୁ ପଡୁଥିଲା ତାହା ମୁଁ ଠିକ୍ ବୁଝି ପାରୁଥିଲି। ନିଜ ପାଇଁ ନୂଆ ପୋଷାକ କି ପାଦକୁ ହଳେ ଚପଲ ନ କିଣି ସେ ମୋ ପାଇଁ ସବୁ ସୁବିଧା ଖଞ୍ଜି ଦେଉଥିଲେ ; ଯେମିତି ମୋର କିଛି ଅସୁବିଧା ନ ହେବ। ଯାହାହେଉ ତାଙ୍କରି ଆଶୀର୍ବାଦରୁ ଫାଷ୍ଟ କ୍ଲାସ୍‌ରେ ସିଟି ପାସ୍ କରି ମୁଁ ଘରକୁ ଫେରିଲି। ଚାକିରି ବାହାରି ନ ଥିବାରୁ ମୋ ସମୟ ଯେମିତି ଅଯଥାରେ ନ କଟୁ ସେଥିଯୋଗୁ ବାପା ମୋ ଲାଗି ଟ୍ୟୁଶନ ବୁଝି ଦେଇଥିଲେ। ୪ର୍ଥ ଶ୍ରେଣୀରେ ପଢୁଥିବା ଛାତ୍ରଟିକୁ ମାସେ ଟ୍ୟୁଶନ କରିବା ପରେ ୫୦୦ ଟଙ୍କା ପାରିଶ୍ରମିକ ପାଇଥିଲି ; ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଘରେ ବାପାଙ୍କର ଗୋଟେ ପୁରୁଣା ସାଇକେଲ୍ ଥିଲା ; ଯାହାକୁ ମୁଁ ବହୁବାର ଚଳେଇଛି। ସାଇକେଲ୍‌ଟି କେବଳ ବାପାଙ୍କର ଟ୍ୟୁଶନ ଯିବାଆସିବାରେ ବ୍ୟବହାର ହେଉ ନ ଥିଲା ଘରର ସଉଦାପତ୍ର ହେଉ କି ରୋଷେଇ ପାଇଁ ଜାଳ ସଂଗ୍ରହ କରିବା ହେଉ ସବୁ ମୂଳରେ ସେହି ସାଇକେଲର ଭୂମିକା ଯଥେଷ୍ଟ ରହୁଥିଲା। ସେହି ସାଇକେଲ୍‌ଟି ଭାଙ୍ଗି ଯାଇଥିବାର ଦେଖି ମୋ ମନ କଷ୍ଟ ହେଲା। ସଙ୍ଗେ ସଙ୍ଗେ ସାଇକେଲ୍‌କୁ ଧରି ମେକାନିକ୍ ପାଖକୁ ଗଲି। ସାଇକେଲ୍‌କୁ ଦେଖି ସେ ନୂଆ ଟିଉ, ଟାୟାର୍ ସହ ଯାହା ଯାହା ପାର୍ଟ୍ସ ଲେଖିଦେଲା ସବୁ କିଣି ଆଣି ତାକୁ ଦେଇ ଅଏଲିଙ୍ଗ୍ କରିବାକୁ କହିଦେଲି। ଅଏଲିଙ୍ଗ୍ ପରେ ମୁଁ ନିଜେ ବାଲି କାଗଜରେ ଘସି ନୀଳ ରଙ୍ଗ ଦେବା ଦ୍ୱାରା ସାଇକେଲଟି ପୁଣି ନୂଆ ଦେଖାଗଲା। ବାପା ଭାରି ଖୁସି ହେଲେ। ଏମିତି କିଛିଦିନ ଯିବା ପରେ ୨୦୧୧ ମସିହା ମାର୍ଚ୍ଚ ୨୩ରେ ଧର୍ମଶାଳା ବ୍ଲକର ଡିହ ନରସିଂହପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକ ଭାବେ ମୋତେ ନିଯୁକ୍ତି ମିଳିଲା। ଚାକିରିର ପ୍ରଥମ ଦରମା ୩୫୨୦ଟଙ୍କାକୁ ବାପାଙ୍କ ହାତରେ ଦେଇଥିଲି। ବାପା ତାକୁ ଗାଁ ଶିବମନ୍ଦିର କାମରେ ଲଗାଇଥିଲେ। କିଛିଦିନ ଚାକିରି କରିବା ପରେ ଡିଷ୍ଟାନ୍ସରେ ଭୁବନେଶ୍ୱରସ୍ଥ ଡିଡିସିଇରେ ସଂସ୍କୃତ ଅନର୍ସ ରଖି ଯୁକ୍ତ ତିନ ପଢି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି। ତା'ପରେ ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଆଚାର୍ଯ୍ୟ ଅର୍ଥାତ୍ ସଂସ୍କୃତରେ ପିଜି କରି ସେଥିରେ ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି। ବର୍ତ୍ତମାନ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶଙ୍ଖ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ରୂପେ କାର୍ଯ୍ୟରତ। ଶିକ୍ଷକତା ବାଦ୍ ମୁଁ ଶିଶୁ ଗପ, ଶିଶୁ କବିତା, ପ୍ରବନ୍ଧ, ସ୍ତୁତି, ଭଜନ ତଥା ଗାଁରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ନାଟକର ଟାଇଟଲ୍ ଗୀତ ବି ଲେଖାଲେଖି କରିଥାଏ। ଦିନେ ପାଲାଗାୟକ ଭାବେ ବାପାଙ୍କର ଖୁବ୍ ନାଁ ଥିଲା। କିନ୍ତୁ ପାରିବାରିକ ଜଞ୍ଜାଳ ଯୋଗୁ ସେ ବେଶି ଦିନ ପାଲା ଗାଇ ପାରିଲେ ନାହିଁ। ହୁଏତ ତାଙ୍କର ସେହି କଳାରୁ କିଞ୍ଚିତ୍ ମୋ ଭିତରେ ରହିଯାଇଛି ; ଯେଉଁଥିପାଇଁ ମୋର ଲେଖାଲେଖିର ଧାରା ଜାରି ରହିଛି।

**ସାଥୀ**

# ମଉନାବତୀ ସେ ମନମୋହିନୀ, ଚାହାଣୀରେ ନେଲା ମନକୁ କିଣି



**ପ୍ରଶ୍ନ**–ମୋତେ ଜଣେ ଝିଅ କଣେଇ କଣେଇ ଚାହୁଁଛି। ସେ ମୋତେ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ? *–ପ୍ରମୋଦ ନାୟକ, କେନ୍ଦ୍ରାପଡା*

**ଉତ୍ତର:** ଯଦି ସେପଟୁ କିଛି ଇସାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। 'ମଉନାବତୀ ସେ ମନମୋହିନୀ, ଚାହାଣୀରେ ନେଲା ମନକୁ କିଣି।' ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ଏବେ ମୁଁ କ'ଣ କରିବି ? *–ସୁଜିତ କୁମାର, ସୁନାବେଡା*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଫୁର୍ କିନା ଉଡିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ? *–ବିଜୟ ରାଉତ, କଟକ*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ । ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।


**ପ୍ରଶ୍ନ**–ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ? *–ଜିତେନ କୁମାର, ଜଟଣୀ, ଖୋର୍ଦ୍ଧା*

**ଉତ୍ତର:** ସେ ହୁଏତ କିଛି ଭଲ ହେଉ କି ମନ୍ଦ କଥା କହିବାକୁ ଚାହୁଁଛି। ହେଲେ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ଆପଣ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ? *–ଦୀପ୍ତି ପ୍ରଧାନ, ଅନୁଗୋଳ*

**ଉତ୍ତର:** ଦୁଇ ବର୍ଷର ଗ୍ୟାପ୍ ପରେ ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢୁଛି। ହେଲେ ସେ ଆପଣଙ୍କୁ ଧୋକା ଦେଇ ଚାଲିଯାଇଥିଲା। ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଭଲ ଭାବରେ ତର୍ଜମା କରନ୍ତୁ। ପୁଣି ଥରେ ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ଆଉ ଥରେ ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ ? ଆଉ ଗୋଟିଏ କଥା। ତାକୁ ଦେଖି ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି। ତାହାର ଏ ନେଇ ସମ୍ମତି ଅଛି ତ ? ଯଦି ଦ୍ୱିତୀୟ ଥରର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ଭଲ କଥା। ଆଉ ଯଦି ସେ ଚଢ଼େଇ ପୁଣି ଥରେ ଉଡିଗଲା, ତେବେ ! ଏପରି ସମୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

# ସିଙ୍ଗଲ୍ ଆଙ୍କଲେଟ୍





**ଦୁଇ ପାଦରେ ପାଉଁଜି ବା ଆଙ୍କଲେଟ୍ ପିନ୍ଧିବାର ଟ୍ରେଣ୍ଡ ଏବେ ବଦଳିଗଲାଣି। ଝିଅମାନେ ଏବେ ଫ୍ୟାଶନରେ ଗୋଟେ ପାଦରେ ଷ୍ଟାଇଲିଶ୍ ଆଙ୍କଲେଟ୍ ପିନ୍ଧୁଥିବା ଦେଖିବାକୁ ମିଳୁଛି; ଯାହାକୁ ସିଙ୍ଗଲ୍ ଆଙ୍କଲେଟ୍ ବା ୱାନ ଲେଗ୍ ଆଙ୍କଲେଟ୍ ବୋଲି କୁହାଯାଉଛି...**



ପାଉଁଜି ନାରୀମାନଙ୍କ ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ନୂଆବୋହୂମାନେ ମୋଟା ପାଉଁଜି ପିନ୍ଧୁଥିବାବେଳେ ଝିଅମାନେ ପତଳା ପାଉଁଜି ପିନ୍ଧିଥାନ୍ତି। ହେଲେ ଏବେ ପାଉଁଜିର ଫ୍ୟାଶନ ବି ବଦଳିଲାଣି । ଆଧୁନିକ ରୁଚି ସମ୍ପନ୍ନ ଝିଅମାନେ ଏବେ ଦୁଇ ପାଦରେ ପାଉଁଜି ନ ପିନ୍ଧି ଗୋଟେ ପାଦରେ ପିନ୍ଧୁଛନ୍ତି। ଏହାକୁ କେବଳ ପାରମ୍ପରିକ ପୋଷାକ ନୁହେଁ ୱେଷ୍ଟର୍ନ ଆଉଟ୍‌ଫିଟ୍ ଯେମିତିକି ଜିନ୍ସ, ସ୍କର୍ଟ, କାପ୍ରି ଆଦି ଯେ କୌଣସି ଆଉଟ୍‌ଫିଟ୍ ସାଙ୍ଗେ ପିନ୍ଧିପାରିବେ। ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ସିଙ୍ଗଲ୍ ଆଙ୍କଲେଟ୍ ସମ୍ପର୍କରେ...





✲ **ରୁପା ଅଥବା ଅନ୍ୟ ମେଟାଲ୍‌ର ଆଙ୍କଲେଟ୍:** ପାଦରେ ରୁପାର ପାଉଁଜି ପିନ୍ଧିବାର ପରମ୍ପରା ରହିଛି। କେଉଁଠି କେଉଁଠି ସୁନାର ପାଉଁଜି ବି ଝିଅମାନେ ପିନ୍ଧିଥାନ୍ତି। କିନ୍ତୁ ଏବର ଫ୍ୟାଶନ ଟ୍ରେଣ୍ଡରେ ହ୍ୱାଇଟ୍ ଗୋଲ୍ଡ, ରୋଜ୍ ଗୋଲ୍ଡ ଏପରିକି ବ୍ରାସ୍‌ରେ ତିଆରି ଖୁବ୍ ସୁନ୍ଦର ସୁନ୍ଦର ସିଙ୍ଗଲ୍ ଆଙ୍କଲେଟ୍ ମିଳୁଥିବାର ଦେଖାଯାଉଛି ; ଯାହାକୁ ଟ୍ରାଡିଶନାଲ୍ ଡ୍ରେସ୍ ହେଉକି ୱେଷ୍ଟର୍ନ ଆଉଟ୍‌ଫିଟ୍ ସଙ୍ଗେ କ୍ୟାରି କଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।

✲ **ବିଡ୍ସ ଆଙ୍କଲେଟ୍:** ଏହା ସବୁଠାରୁ ଶସ୍ତା, କଲରଫୁଲ୍ ତଥା ସହଜରେ ନିଜ ହାତରେ ତିଆରି କରିହେଉଥିବା ଏକ ସିଙ୍ଗଲ୍ ଆଙ୍କଲେଟ୍। ଏବେ ତ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍ ବିଡ୍ସ ହେଉ କି ମେଟାଲ୍‌ର ଅଥବା ଉଡ୍‌ର ବିଡ୍ସଗୁଡ଼ିକୁ ନେଇ ଖୁବ୍ ସୁନ୍ଦର ଆଙ୍କଲେଟ୍ ବିକ୍ରି ହେଉଥିବା ବି ଦେଖିବାକୁ ମିଳୁଛି ; ଯାହା ଝିଅମାନଙ୍କୁ ଟିକେ ଫଙ୍କି ଲୁକ୍ ଦେଇଥାଏ। ଗେଟ୍ ଟୁଗେଦର୍ ପାର୍ଟି ହେଉକି କୌଣସି ଛୋଟମୋଟ ପାର୍ଟି କି ପିକ୍‌ନିକ୍‌ରେ ଏହି ଆଙ୍କଲେଟ୍‌କୁ କ୍ୟାରି କରାଯାଇପାରେ।

✲ **ଷ୍ଟୋନ ଆଙ୍କଲେଟ୍ :** ଉଭୟ ସିଙ୍ଗଲ୍ କଲର୍ ତଥା ମଲ୍ଟି କଲର୍‌ର ଷ୍ଟୋନ ଲାଗିଥିବା ଖୁବ୍ ସୁନ୍ଦର ସୁନ୍ଦର ସିଙ୍ଗଲ୍ ଆଙ୍କଲେଟ୍ ଏବେ ମିଳୁଛି ; ଯାହାକୁ ଆଙ୍କେଲ୍ ଲେଙ୍ଗ୍‌ଥ ଜିନ୍ସ ହେଉ କି କାପ୍ରି ଜିନ୍ସ, ସ୍କର୍ଟ ଅଥବା ଫ୍ରକ୍ ସହ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଦେଖାଯାଇଥାଏ।

ଏହାଛଡ଼ା ବିଭିନ୍ନ ପ୍ରକାରର ମୋତି, କ୍ରିଷ୍ଟାଲ୍ ତଥା କ୍ୟୁବିକ୍ ଜିରକୋନିଆ ଡିଜାଇନ୍‌ରେ ବି ସିଙ୍ଗଲ୍ ଆଙ୍କଲେଟ୍ ମିଳିଥାଏ। ସେହିପରି ଛୋଟ ଛୋଟ ଘୁଙ୍ଗୁର ଲାଗିଥିବାର ହେଉ କି ସିମ୍ପଲ୍ ଚେନ୍‌ବାଲା ସିଙ୍ଗଲ୍ ଆଙ୍କଲେଟ୍ ପିନ୍ଧି ପାଦର ସୌନ୍ଦର୍ଯ୍ୟକୁ ବଢାଇହେବ। ଅନ୍ୟପକ୍ଷେ ଶାମୁକା ଅଥବା ଛୋଟ ଛୋଟ ଶଙ୍ଖକୁ କଳା ସୂତାରେ ବାନ୍ଧି ତିଆରି କରାଯାଇଥିବା ଆଙ୍କଲେଟ୍ ହେଉ କି ନଜରବଟୁ ଷ୍ଟାଇଲ୍‌ର ଆଙ୍କଲେଟ୍‌କୁ ବିଚ୍‌ୱେର୍ ସାଙ୍ଗରେ ପେୟାର କରି ଗୋଟିଏ ପାଦରେ ପିନ୍ଧି ବିଚ୍‌ପାର୍ଟିକୁ ଗଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ।



## କିଛି ଟିପ୍ସ

✲ ଯଦି ଆପଣ ଜିନ୍ସ ଅଥବା ଅନ୍ୟ କୌଣସି ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଫ୍ୟୁଜନ୍ ବା ମଡର୍ନ ଷ୍ଟାଇଲ୍‌ର ସିଙ୍ଗଲ୍ ଆଙ୍କଲେଟ୍‌କୁ ପିନ୍ଧୁଥାନ୍ତି, ତା'ହେଲେ ସିମ୍ପଲ ଫ୍ଲିପ୍ ଫ୍ଲପ ହେଉକି ସ୍ୟାଣ୍ଡେଲ୍ ସହ ଏହାକୁ ପେୟାର୍ କରିପାରିବେ।

✲ ଆଉ ଯଦି ଶାଢ଼ି, ଲେହେଙ୍ଗା ଅଥବା ସାଲୱାର୍ ଶୁଟ୍ ସହ ଏହାକୁ ପିନ୍ଧୁଥାନ୍ତି, ତା'ହେଲେ ପ୍ଲାଟ୍‌ଫର୍ମ ହିଲ୍ କିମ୍ବା ମୋଜରି ଜୋତା ସାଙ୍ଗେ ଏହାକୁ ପେୟାର୍ କଲେ ଲୁକ୍ ସୁନ୍ଦର ଲାଗିଥାଏ।




# ହାଃ ହାଃ

## ଲେଟ୍

ପପୁ ସବୁଦିନ ଲେଟ୍‌ରେ ସ୍କୁଲ ପହଞ୍ଚେ। ସେଥିପାଇଁ ଶିକ୍ଷକ: ତୋର ସବୁଦିନ ଏତେ ଲେଟ୍ କାହିଁକି ହେଉଛି ?
ପପୁ: ଗୋଟେ ବୋର୍ଡ ପାଇଁ।
ଶିକ୍ଷକ: କୋଉ ବୋର୍ଡ ?
ପପୁ: ସ୍କୁଲ ଆସିବାବେଳେ ଗୋଟେ ବୋର୍ଡରେ ଲେଖା ହେଇଛି –ଆଗରେ ସ୍କୁଲ ଅଛି, କୃପାକରି ଧୀରେ ଚାଲନ୍ତୁ। ସେଇ ଧୀରେ ଧୀରେ ଆସିବାରୁ ଲେଟ୍ ହେଉଛି।

## ଶତ୍ରୁ

ଡାକ୍ତର: ମୁଁ ତୁମକୁ ପ୍ରତିଦିନ ୧୦ଟା ବେଳେ ମେଡିସିନ ଖାଇବାକୁ କହିଥିଲି। ହେଲେ ତମେ ୬ଟା ବେଳକୁ କାହିଁକି ଖାଇଦେଉଛ ?
ରୋଗୀ: ମୁଁ ଭାବିଲି ଶତ୍ରୁ ଉପରେ ସେତେବେଳେ ଆକ୍ରମଣ କରିବା କଥା ଯେତେବେଳେ ସେ ପ୍ରସ୍ତୁତ ନ ଥିବ।

## ଜନ୍ମଦିନ

ସ୍ତ୍ରୀର ଜନ୍ମଦିନ ସ୍ୱାମୀ ଭୁଲି ଯାଇଥିବାରୁ ସ୍ତ୍ରୀ ରାଗିକି ବସିଥାଏ। ଏହା ଦେଖି ସ୍ୱାମୀ: କ'ଣ ହେଇଛି ତୁମର ? ମୁହଁକୁ ହାଣ୍ଡି ଭଳି କାହିଁକି କରିଛ ?
ସ୍ତ୍ରୀ: ମନେ ପକେଇଲ ଆଜି କ'ଣ ?
ସ୍ୱାମୀ: ଆମ ଆନିଭର୍ସରୀ ?
ସ୍ତ୍ରୀ: ନା। ସ୍ୱାମୀ: ତା'ହେଲେ ଆଉ କ'ଣ ?
ସ୍ତ୍ରୀ: ଆଜି ମୋ ଜନ୍ମଦିନ। ପୁରା ଭୁଲି ଯାଇଛ ନା ?
ସ୍ୱାମୀ: କେମିତି ମନେ ରଖନ୍ତି କହିଲ ? ତମକୁ ଦେଖିଲେ ତ ବୟସ ବଢିବା ଭଳି ଜମାରୁ ଲାଗେନି।
ସ୍ତ୍ରୀ ଲୁହ ପୋଛି ହସି ହସି: ସତ ! ହଉ ହେଲା ତମେ ବସ ମୁଁ କ୍ଷୀରି ଆଣୁଛି ଖାଇବ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧


**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ବାଗାଟୋର ବିଚ୍

**ଗୋଆର ଏକ ଆକର୍ଷଣୀୟ ବିଚ୍ ଭାବେ ବାଗାଟୋର ବେଶ୍ ପ୍ରସିଦ୍ଧ। ଏଠାକାର ସୁନ୍ଦର ଧଳାବାଲିର ତଟ, ଭୋଜନ ସଂସ୍କୃତି ତଥା ସ୍ଥାନୀୟ ଲୋକଙ୍କ ଆତିଥେୟତା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଖାସ୍ ଏହିସବୁ କାରଣ ପାଇଁ ବର୍ଷର ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୁଏ...**





ଗୋଆରେ ଏକାଧିକ ବିଚ୍ ଥିବାର ତଥ୍ୟ ରହିଛି। ତନ୍ମଧ୍ୟରୁ ବାଗାଟୋର ବିଚ୍ ହେଉଛି ଅନ୍ୟତମ। ସୂଚନାନୁଯାୟୀ, ଗୋଆର ଆକର୍ଷଣୀୟ ସହର ପଣଜିଠାରୁ ପ୍ରାୟ ୨୧ କି.ମି. ଦୂରରେ ରହିଛି ଏହି ବାଗାଟୋର ବିଚ୍। ଏହି ବିଚ୍‌ର ଧଳାବାଲିର ତଟ ଆଉ ଚଟାଣ ଦେଖିବାକୁ ଖୁବ୍ ଆକର୍ଷକ ଲାଗିଥାଏ। ତା'ଛଡ଼ା ଏଠାରେ ମିଳୁଥିବା ସୁସ୍ୱାଦୁ ଭୋଜନ ତଥା ସ୍ଥାନୀୟ ଲୋକଙ୍କ ଉତ୍ତମ ବ୍ୟବହାର ବି ପର୍ଯ୍ୟଟକଙ୍କୁ ଏଠାକୁ ଟାଣି ଆଣିଥାଏ। ଖାସ୍ ଏହି କାରଣ ପାଇଁ ବ୍ୟସ୍ତମୟ ଜୀବନରୁ ଟିକେ ଫୁରସତ ପାଇଲେ ଅନେକ ପର୍ଯ୍ୟଟକ ଏଠାକୁ ଶାନ୍ତି ଆଶାରେ ଧାଇଁ ଆସିଥାନ୍ତି।

**କ'ଣ କରିବେ:** ବାଗାଟୋର ବିଚ୍‌ର ରାତ୍ରି ସମୟ ସବୁଠାରୁ ଆକର୍ଷଣ ଲାଗେ। ସୂର୍ଯ୍ୟାସ୍ତ ହେବା ମାତ୍ରେ ଏଠାକାର ପରିବେଶ ନାଚ, ଗୀତରେ ରଙ୍ଗାରଙ୍ଗ ହୋଇଉଠେ। ଏହି ବିଚ୍‌ରେ ଓପନ୍ ଏୟାର୍ କ୍ଲବର ବି ସୁବିଧା ଅଛି ; ଯେଉଁଠାରେ ପର୍ଯ୍ୟଟକ ରେଭ୍ ପାର୍ଟିର ଭରପୂର ମଜା ନେଇପାରିବେ। ସବୁଠୁ ଖାସ୍ କଥା ହେଉଛି ଏଠାରେ ବହୁତ ରାତି ପର୍ଯ୍ୟନ୍ତ ପାର୍ଟି କଲେ ବି କିଛି ଅସୁବିଧା ହୁଏ ନାହିଁ ; ଯାହାକୁ ନେଇ ସ୍ଥାନୀୟ ଲୋକେ ମଧ୍ୟ ଖୁବ୍ ସଚେତନ ରହିଥାନ୍ତି। ତା'ଛଡ଼ା ପର୍ଯ୍ୟଟକ ଏହି ବିଚ୍‌ରେ ଗାଧୋଇ ପାରିବେ, ସନ୍‌ବାଥ୍‌ର ମଜା ନେଇପାରିବେ, ତଟରେ ବସି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟକୁ ବି ଉପଭୋଗ କରିପାରିବେ। ଏସବୁ ବାଦ୍ ଏଠାରେ ମିଳୁଥିବା ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଜନକୁ ଖାଇବାର ମଜା ମଧ୍ୟ ନେଇପାରିବେ।


**କ'ଣ କିଣିବେ:** ସୂଚନାନୁଯାୟୀ, ଏଠାରେ କିଣାକିଣି କରିବା ପାଇଁ ନିକଟରେ ପିସୁ ନାମରେ ଏକ ବଜାର ରହିଛି ; ଯେଉଁଠାରୁ ପର୍ଯ୍ୟଟକ ଡିଜାଇନର୍ ଜୁଏଲେରି, ଡିଜାଇନର୍ ଡ୍ରେସ୍, ଆର୍ଟିଫିସିଆଲ୍ ଜୁଏଲେରି, ଶୁଜ୍, ଡିଜାଇନର୍ ବ୍ୟାଗ୍, ଫୁଡ୍ ଆଇଟମ୍ସ, କ୍ରକେରି, ସଫ୍ଟ ଟଏଜ୍ ଇତ୍ୟାଦି ବିଭିନ୍ନ ଜିନିଷ ସୁଲଭ ଦରରେ କିଣିପାରିବେ। ଖାସ୍ କରି ପ୍ରତି ଶନିବାର ଦିନ ଏହି ବଜାରରେ ସ୍ୱତନ୍ତ୍ର ହାଟ ବସେ ; ଯେଉଁଥିପାଇଁ ଖୁବ୍ ଭିଡ଼ ହୁଏ।

**ୱାଟର ସ୍ପୋର୍ଟ୍ସର ମଜା ନେବେ:** ବାଗାଟୋର ବିଚ୍‌ରେ ବି ପର୍ଯ୍ୟଟକ ବିଭିନ୍ନ ପ୍ରକାର ୱାଟର ସ୍ପୋର୍ଟ୍ସର ମଜା ନେଇପାରିବେ। ଯେମିତି କି ଜେଟ୍ ସ୍କି, ବାନାନା ରାଇଡ୍, ବମ୍ପର ବୋଟ୍ ରାଇଡ୍, ପାରାସେଲିଂ ଇତ୍ୟାଦି ଅନ୍ୟତମ। ଏ ନେଇ ଏଠାରେ ସ୍ୱତନ୍ତ୍ର ଟ୍ରେନିଂ ଦେବାର ବି ବ୍ୟବସ୍ଥା ରହିଛି।

**କେବେ ଓ କେମିତି ଯିବେ:** ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମାର୍ଚ୍ଚ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଟ୍ରେନ୍ ହେଉକି ବସ୍, ଫ୍ଲାଇଟ୍ ହେଉକି ନିଜର କିଛି ଯାନବାହନ ସାହାଯ୍ୟରେ ବି ଏହି ବାଗାଟୋର ବିଚ୍‌କୁ ସୁବିଧାରେ ଯାଇହେବ। ଡାବୋଲିମ୍ ଏୟାରପୋର୍ଟ ଏଠାକାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଥିଭିମ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ତଥା ମୁଖ୍ୟ ରେଳଷ୍ଟେଶନ। ଅନ୍ୟପକ୍ଷେ ଯଦି ବସ୍ ଯୋଗେ ଯିବାକୁ ଚାହୁଁଥାନ୍ତି, ତା'ହେଲେ ବାଗାଟୋର ବିଚ୍ ନିକଟକୁ ସିଧାସଳଖ ବସ୍‌ର ସୁବିଧା ନାହିଁ। ପ୍ରଥମେ ପଣଜି ବସ୍‌ଷ୍ଟାଣ୍ଡରେ ପହଞ୍ଚି ସେଠାରୁ ଟ୍ୟାକ୍ସି କିମ୍ବା ଅନ୍ୟ କୌଣସି ଯାନବାହନ ଯୋଗେ ସୁବିଧାରେ ଯାଇ ଏହି ବିଚ୍ ନିକଟରେ ପହଞ୍ଚିହେବ।

**କିଛି ଜାଣିବା କଥା:** ଏହି ବିଚ୍ ନିକଟରେ ପର୍ଯ୍ୟଟକଙ୍କ ରହିବା ପାଇଁ କଟେଜ୍, ହୋଟେଲ ତଥା ରିସୋର୍ଟର ଭଲ ସୁବିଧା ରହିଛି। ପୂର୍ବରୁ ବୁକିଂ କରି ଗଲେ ଭଲ ହେବ। ତା'ଛଡ଼ା ଏଠାକାର ଲୋକଙ୍କର ଆତିଥେୟତା ଯେତେ ଭଲ ହେଲେ ବି ନିଜର ତଥା ନିଜ ପରିଜନଙ୍କର ଏବଂ ଜିନିଷପତ୍ରର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜେ ଯେତେ ସଚେତନତାର ସହ କରିବେ ସେତେ ଭଲ।







# ପୁରୁଷଙ୍କଠୁ ଅଧିକ ଜିଅନ୍ତି ମହିଳା



**କୁହାଯାଏ ନାରୀଙ୍କଠୁ ପୁରୁଷ ବେଶ୍ ବଳଶାଳୀ। ଅଧିକ କଠିନ କାମ କରିପାରନ୍ତି, ଅଧିକ ବେଗରେ ଦୌଡ଼ିପାରନ୍ତି ଓ ଅଧିକ ଓଜନ ଉଠାଇପାରନ୍ତି ମଧ୍ୟ। ହେଲେ ଜାଣନ୍ତି କି ରୋଗ ଓ ଆୟୁଷ କଥା କହିଲେ ନାରୀ ପୁରୁଷଙ୍କଠାରୁ କମ୍ ରୋଗରେ ପଡ଼ନ୍ତି ଓ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି...**

ହାର୍ଭାର୍ଡ ମେଡିକାଲ ସ୍କୁଲର ଅଧ୍ୟୟନ କହେ, ମହିଳା କମ୍ ରୋଗରେ ପଡ଼ିବା ଓ ଅଧିକ ବର୍ଷ ଜିଇବା ପଛରେ ବିଜ୍ଞାନ ଓ ପ୍ରକୃତିର ବଡ଼ ଭୂମିକା ରହିଛି। ଭ୍ରୁଣର ବିକାଶଠାରୁ ହିଁ ମହିଳା ଓ ପୁରୁଷ ଅଲଗା ହୋଇ ଯାଆନ୍ତି। ଯଦିଓ ଉଭୟଙ୍କର ୨୩ ଯୋଡ଼ା କ୍ରୋମୋଜମ ଥାଏ, ସେଥିରୁ ୨୨ଯୋଡ଼ା କ୍ରୋମୋଜମ ଉଭୟ ଲିଙ୍ଗରେ ସମାନ ଥାଏ। ହେଲେ ୨୩ତମ ଯୋଡା ଅଲଗା ଅଲଗା ହୋଇଯାଏ। ପୁରୁଷଙ୍କ ମଧ୍ୟରେ ୨୩ତମ ଯୋଡାରେ ଗୋଟାଏ ଏକ୍ସ ଓ ଏକ ୱାଇ କ୍ରୋମୋଜମ୍ ଥାଏ। ହେଲେ ମହିଳାଙ୍କ ୨୩ତମ ଯୋଡାରେ ଉଭୟ କ୍ରୋମୋଜମ୍ 'ଏକ୍ସ' ହିଁ ହୋଇଥାଏ। ୱାଇ କ୍ରୋମୋଜମ୍ ଏକ୍ସ କ୍ରୋମୋଜମଠାରୁ ଏକ ତୃତୀୟାଂଶ କମ୍ ହୋଇଥାଏ। ଆଉ ଏଥିରେ 'ଏକ୍ସ' ତୁଳନାରେ ବହୁତ କମ୍ ଜିନ୍ ଥାଏ। ଏକ୍ସ କ୍ରୋମୋଜମ୍‌ରେ ମସ୍ତିଷ୍କ ଓ ଇମ୍ୟୁନ ସିଷ୍ଟମକୁ ପ୍ରଭାବିତ କରୁଥିବା ଜିନ୍ ଥାଏ। ଯଦି ପୁରୁଷଙ୍କର ଏକ୍ସ କ୍ରୋମୋଜମ ଖରାପ ହୁଏ ତେବେ ସେମାନଙ୍କର ଆଉ ଏକ ଏକ୍ସ କ୍ରୋମୋଜମ ନାହିଁ ଭରଣା କରିବା ପାଇଁ। ସବୁଠାରୁ ବଡ଼ କଥା ହେଲା ପୁରୁଷଙ୍କ ମଧ୍ୟରେ ଥିବା କିଛି ୱାଇ କ୍ରୋମୋଜମର ରୋଗ ସହ ଲିଙ୍କ ଥାଏ। ଏହି କାରଣରୁ ପୁରୁଷଙ୍କ ମଧ୍ୟରେ ପୂରା ଜୀବନ ଅଧିକ ରୋଗ ହେବାର ଆଶଙ୍କା ମହିଳାଙ୍କଠାରୁ ଅଧିକ ଥାଏ।

ପୁରୁଷଙ୍କ ମଧ୍ୟରେ ଥିବା ଟେଷ୍ଟୋଷ୍ଟେରନ ହର୍ମୋନ ଯାହାକି ପୁରୁଷତ୍ୱର ପ୍ରତୀକ ତାହା ହୃତ୍‌ପିଣ୍ଡରେ ବିଭିନ୍ନ ରୋଗ ସୃଷ୍ଟି କରିବାର ବି କାରଣ ସାଜେ। ଅର୍ଥାତ୍ ଟେଷ୍ଟୋଷ୍ଟେରନ୍‌ର ସ୍ତର କମ୍ ହେଲେ ହୃଦ୍‌ରୋଗର ଆଶଙ୍କା ବଢିଥାଏ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି। ହେଲେ ମହିଳାଙ୍କର ନାରିତ୍ୱକୁ ପ୍ରୋତ୍ସାହିତ କରୁଥିବା ଏଷ୍ଟ୍ରୋଜନ ହର୍ମୋନ କିନ୍ତୁ ହୃତ୍‌ପିଣ୍ଡ ରକ୍ଷା କରିବାରେ ଚମତ୍କାର କାମ କରେ ବୋଲି କିଛି ଗବେଷଣା କହେ। ଏଥିରୁ ବୁଝିପାରୁଥିବେ ମହିଳାଙ୍କ ଭିତରେ କାହିଁକି ହୃଦ୍ ସମ୍ବନ୍ଧିତ ରୋଗ କମ୍ ହୋଇଥାଏ।

ଯଦିଓ ମହିଳାଙ୍କ ଭିତରେ ବ୍ରେଷ୍ଟ କ୍ୟାନ୍ସର, ୟୁଟ୍ରସ୍ କ୍ୟାନ୍ସର ହେଉଥିବା ଦେଖି ଭାବୁଥିବେ ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ସୁରକ୍ଷିତ। ହେଲେ ପ୍ରକୃତରେ ସେମିତି ନୁହେଁ। ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ଲାଣ୍ଡ ପ୍ରୋଷ୍ଟାଟିଟିସ୍,ବିନାଇନ୍ ପ୍ରୋଷ୍ଟାଟିକ ହାଇପରପ୍ଲାସିଆ ଓ ପ୍ରୋଷ୍ଟେଟ କ୍ୟାନ୍ସର ଭଳି ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ। ତା'ସହ ଅନ୍ୟ ବହୁ ପ୍ରକାରର କ୍ୟାନ୍ସର ବି ହୁଏ।


ଆଉ ଏକ ରୋଚକ କଥା ହେଉଛି ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖୁଥିବା ଗୁଡ୍ କୋଲେଷ୍ଟରଲ ମହିଳାଙ୍କର ବେଶି ଥାଏ। ମହିଳାଙ୍କ ଭିତରେ ଗୁଡ୍ କୋଲେଷ୍ଟରଲ ପ୍ରତି ଡେସି ଲିଟରରେ ୬୦.୩ ମି.ଗ୍ରା. ଥାଏ। ଅନ୍ୟପକ୍ଷେ ପୁରୁଷଙ୍କ ଭିତରେ ଏହା କେବଳ ୪୮.୫ ମି.ଗ୍ରା. ଥାଏ। ଏଥିପାଇଁ ମହିଳାଙ୍କର ହୃତ୍‌ପିଣ୍ଡ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା କମିଥାଏ। ଏହାଛଡ଼ା ମେଦବହୁଳତା ଓ ଅନ୍ୟ ରୋଗ ହେବାର ଆଶଙ୍କା ବି କମ୍ ରହିଥାଏ ଓ ମେଟାବୋଲିଜମ୍ ସକ୍ରିୟ ରହେ।

ଏହାବାଦ୍ ସାମାଜିକ କାରଣ ବି ଏକ ଫ୍ୟାକ୍ଟର ରହିଥାଏ। ମହିଳାମାନେ ବେଶି ସୋସିଆଲ ନେଟୱର୍କିଂରେ ରହିଥାନ୍ତି। ଅଧିକ ହିଂସା ଓ ଆକ୍ରମଣତା ମହିଳାଙ୍କ ଗୁଣ ହୋଇ ନ ଥାଏ। ମହିଳାମାନେ ପୁରୁଷଙ୍କ ତୁଳନାରେ କମ୍ ସିଗାରେଟ୍, ତମାଖୁ, ମଦ ଆଦି ସେବନ କରିଥାନ୍ତି। ଏହାବାଦ୍ ମହିଳାଙ୍କ ଡାଏଟ୍ ପୁରୁଷଙ୍କ ତୁଳନାରେ ହେଲ୍‌ଦି ହୋଇଥାଏ। ମହିଳାମାନେ ଘରକାମ ଅଧିକ କରନ୍ତି। ଫଳରେ ସେମାନଙ୍କର ଶାରୀରିକ ବ୍ୟାୟାମ ଅଧିକ ହୁଏ। ଏଭଳି ଅନେକ କାରଣ ପାଇଁ ମହିଳାମାନେ ମଜଭୁତ ହୋଇଥାନ୍ତି ଓ ଅଧିକ ବର୍ଷ ଜିଇଥାନ୍ତି।



# ସୁଟ୍‌କେଶ୍ କାର୍

ବାହାରକୁ ବୁଲିବାକୁ ଗଲାବେଳେ ବସ୍, ଟ୍ରେନ ଅବା ଫ୍ଲାଇଟ୍‌ରେ ଯାଇଥାଉ। ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ସେଠାରେ କ୍ୟାବ କରି ବିଭିନ୍ନ ସ୍ଥାନ ବୁଲିବାକୁ ହୁଏ। ଯେଉଁଥିପାଇଁ ମୋଟା ଅଙ୍କର ଖର୍ଚ୍ଚ ବି କରିବାକୁ ହୁଏ। ହେଲେ ଏବେ ଆଉ ଏମିତି କରିବାକୁ ପଡ଼ିବ ନାହିଁ। କାରଣ ଆସି ଯାଇଛି ସୁଟ୍‌କେଶ୍ କାର୍। ଭାବୁଥିବେ ଇଏ ପୁଣି କ'ଣ। ପ୍ରକୃତ କଥା ହେଲା ଏହା ଦେଖିବାକୁ ପୂରାପୂରି ଏକ ସୁଟ୍‌କେଶ୍ ପରି, ଯାହାକୁ ସହଜରେ ସାଙ୍ଗରେ ନେଇ ହେବ। ଆଉ ଯେଉଁଠି ଦରକାର ତାକୁ ଖୋଲିଦେଲେ ତାହା ଏକ ପୋର୍ଟେବଲ ମିନିଏଚର୍ କାର୍‌ରେ ପରିଣତ ହୋଇଯିବ, ଯାହାକୁ ଚଲାଇ ଯେଉଁଆଡ଼େ ଚାହିଁବେ ଯାଇପାରିବେ। ମାଜ୍‌ଦା ଦ୍ୱାରା ଡିଜାଇନ୍ ହୋଇଥିବା ଏହି କାର୍ ଜେମ୍ସ ବଣ୍ଡ ଫିଲ୍ମର ଏକ ଅଜବ ଗ୍ୟାଜେଟ୍ ପରି। ୫୭ ସେ.ମି. ପ୍ରସ୍ଥ, ୭୫ ସେ.ମି. ଦୈର୍ଘ୍ୟବିଶିଷ୍ଟ ଏହି ସୁଟ୍‌କେଶ୍‌ର ଓଜନ ୩୨ କି.ଗ୍ରା.। ଏଥିରେ ୧.୭ ଏଚପି, ୩୩.୬ ସିସି ଇଞ୍ଜିନ ଅଛି, ଯାହା ଏହି କାର୍‌କୁ ଘଣ୍ଟା ପ୍ରତି ୩୦ କି.ମି. ବେଗରେ ଗତି କରିବାରେ ସାହାଯ୍ୟ କରିଥାଏ। ଏଥିରେ ହ୍ୟାଣ୍ଡେଲ ବାର,ଡିସ୍କ ବ୍ରେକ୍, ହେଡ ଲାଇଟ୍ସ ବି ଅଛି। ତେବେ ଏହାକୁ କେବଳ ମଜା ପାଇଁ ତିଆରି ହୋଇଥିବା ମାଜ୍‌ଦା କାମ୍ପାନୀ କହିଛି।










## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ରାମ୍ ତେରୀ ଗଙ୍ଗା ମୈଲୀ

ଆମ ଦେଶ ଏକ ଗାଧୁଆ ପ୍ରିୟ ଦେଶ । ଜନ୍ମ ହେଲେ ଗାଧେଇବ ମଲେ ଗାଧେଇବ । ଛୁଇଁଲେ ଗାଧେଇବ ନ ଛୁଇଁଥିଲେ ବି ଗାଧେଇବ । ବାହା ହେବା ପୂର୍ବରୁ ଗାଧେଇବ ବାହା ହେଲା ପରେ ଗାଧେଇବ । ପାପ କରିସାରି ପାପ ମୁକ୍ତ ହେବା ଲାଗି ଗାଧେଇବ । ଆମ ବଡ଼ ଠାକୁରଙ୍କର ମଧ୍ୟ ଗାଧେଇବାକୁ ନେଇ ଏକ ବିଶେଷ ପର୍ବଟିଏ ଅଛି । ଏଥିରୁ ବୁଝାପଡୁଛି ଆମ ସଂସ୍କୃତିରେ ଗାଧେଇବାର ମହତ୍ୱ କେତେ । ମୋଟ ଉପରେ କହିବାକୁ ଗଲେ ଆମ ସଂସ୍କୃତି ଏକ ଗାଧୁଆ ସଂସ୍କୃତି । ଏଠି ଅଗାଧୁଆଙ୍କ କୌଣସି ଶୁଭ କାର୍ଯ୍ୟରେ ପ୍ରବେଶ କରିବାର ବିଧି ନାହିଁ ।

ମଣିଷର ସବୁଠୁ ବଡ ଭୟ ମୃତ୍ୟୁକୁ ନେଇ । ବଞ୍ଚିବା ପାଇଁ ଯେତେ କଷ୍ଟ ସ୍ୱୀକାର କଲେ ମଧ୍ୟ ମଣିଷ ମରିବାକୁ ଚାହେଁନି । ତା'ର କାରଣ ହେଲା ମଲା ପରେ ସ୍ୱର୍ଗକୁ ଯିବ କି ନର୍କକୁ ତାହାର କିଛି ଗ୍ୟାରେଣ୍ଟି ନାହିଁ । ସ୍ୱର୍ଗକୁ ଗଲେ କି ସୁଖ ମିଳିବ ତାହା ଯେତିକି ପ୍ରଚାରିତ ନୁହେଁ ନର୍କକୁ ଗଲେ ତେଲ କଡେଇ, କଣ୍ଟା ଶେଯ ଭଳି ଅନେକ ଯନ୍ତ୍ରଣାଦାୟକ ଦଣ୍ଡର ଯେଉଁ ବିସ୍ତୃତ ତାଲିକା ଅଛି ତାକୁ ନେଇ ମଣିଷ ଭିତରେ ଅଧିକ ଭୟ । ମଣିଷ ନିଜେ ଜାଣିଛି ସେ ଯାହା କର୍ମ କରିଛି ସେଥିପାଇଁ ସ୍ୱର୍ଗକୁ ଯିବା ଅସମ୍ଭବ । ମଣିଷ ପାଇଁ ଜୀବନ ଜିଇଁବାର ସମସ୍ତ କାର୍ଯ୍ୟକୁ ସହଜ ଓ ସୁଲଭ କରିବାକୁ ଆମ ଶାସ୍ତ୍ର ଠାରୁ ନେଇ ବଜାର ପର୍ଯ୍ୟନ୍ତ 'ମେଡ୍ ଇଜି' ମାଧ୍ୟମ ମାନ ଉପଲବ୍ଧ ଥିଲା ବେଳେ କୃଚ୍ଛ୍ର ସାଧନା କରିବାକୁ ଆଉ କାହା ପାଖରେ ନା ସମୟ ଅଛି ନା ଧୈର୍ଯ୍ୟ । ତେଣୁ ସ୍ୱଭାବତଃ ସୁବିଧାବାଦୀ ମଣିଷ ସବୁବେଳେ ସରଳ ଓ ଗଳା ବାଟକୁ ଆପଣେଇ ନେଇଥାଏ । ଏହାକୁ ଅଧିକ ସୁଗମ କରିବା ପାଇଁ ଆମ କର୍ମକାଣ୍ଡରେ ବହୁ ଉପାୟମାନ ରହିଛି । କେବଳ ରଥାରୂଢ଼ ବାମନ ରୂପ ଦେଖିଲେ ଆଉ ପୁନଃଜନ୍ମ ହେବନାହିଁ । ସ୍ନାନମଣ୍ଡପରେ ଦକ୍ଷିଣାଭିମୁଖି ଶ୍ରୀଜଗନ୍ନାଥାଦିଙ୍କୁ ଦର୍ଶନ କଲେ ଭକ୍ତର ସକଳ ମନୋରଥ ପୂରଣ ହେବା ସହ ଅନ୍ତକାଳରେ ବୈକୁଣ୍ଠପୁରକୁ ଗମନ କରିବ । ଭକ୍ତର ସୁଖ ଶାନ୍ତି ଧନ ଜନ ଗୋପଲକ୍ଷ୍ମୀ ଠାରୁ ସ୍ୱର୍ଗଦ୍ୱାର ବାଟ ଦେଇ ସ୍ୱର୍ଗପ୍ରାପ୍ତି ପର୍ଯ୍ୟନ୍ତ ସବୁର ସହଜ ସୁଲଭ ପ୍ରାପ୍ତି ପାଇଁ ଲୀଳାଧାରୀ ପ୍ରଭୁଙ୍କ ପ୍ରତିଟି ଲୀଳା ସମର୍ପିତ ।

ତେଣୁ ପାପ କରି ନର୍କକୁ ଯିବା ଭଳି ଯେଉଁ ଭୟ ଥିଲା ତାହା ଏବେ ଆଉ ନାହିଁ । ଯଦି ପାପ ମୁକ୍ତ ହେବା ଏତେ ସହଜ ତେବେ ଜଣେ ପାପ କରିବାକୁ କୁଣ୍ଠାବୋଧ କରିବ ବା କାହିଁକି ?

ସରକାରୀ ଆକଳନ ଅନୁଯାୟୀ ମହାକୁମ୍ଭମେଳାରେ ପ୍ରାୟ ଷାଠିଏ କୋଟି ଲୋକ ଗଙ୍ଗାରେ ବୁଡ଼ ପକେଇ ଧର୍ମ କମେଇଲେ । ବିକଶିତ ଦେଶମାନେ ବିଜ୍ଞାନରେ ଏତେ ଅଗ୍ରଗତି କରି ଚନ୍ଦ୍ରରେ ବସବାସ କଥା ଭାବୁଥିବା ବେଳେ ଆମ ଦେଶର ଏକ ତୃତୀୟାଂଶ ଲୋକ ଗଙ୍ଗାସ୍ନାନ କରି ସିଧା ସ୍ୱର୍ଗରେ ନିଜ ସ୍ଥାନ ନିଶ୍ଚିତ କରିସାରିଲେଣି । ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ଏହା କ'ଣ କମ୍ ଉପଲବ୍ଧି କି!! ଆଉ ଯେଉଁମାନେ କୌଣସି କାରଣ ହେତୁ ଦେଶର ଏ ଉପଲବ୍ଧିରେ ନିଜକୁ ସାମିଲ କରିପାରିନାହାନ୍ତି ସେମାନଙ୍କ ପାଇଁ କିଛି ଆତ୍ମଘୋଷିତ ବାବା ସମାଧାନ ବାହାର କରିଛନ୍ତି । ଯଦି ଗଙ୍ଗା ପର୍ଯ୍ୟନ୍ତ ଆସିପାରୁନ ତେବେ ବି ଦୁଃଖ କରିବାର କିଛି ନାହିଁ ବୋତଲରେ ଗଙ୍ଗା ଜଳ ମିଳୁଛି ତାକୁ ନେଇ ଗାଧେଇବା ପାଣି କୁଣ୍ଡରେ ମିଶେଇ ଗାଧେଇଲେ ସେହି ଏକା ଫଳ ମିଳିବ । ଯଦି ବୋତଲ ଗଙ୍ଗାଜଳ ମିଳୁନି କିମ୍ବା କୌଣସି ଅସୁବିଧା ହେତୁ ଗାଧେଇ ପାରୁନ ତେବେ ବି ମୋକ୍ଷ ପାଇବା ପାଇଁ ତାଙ୍କ ପାଖରେ ଆଉ ଗୋଟେ ଉପାୟ ଅଛି ହ୍ୱାଟ୍ସଆପରେ ନିଜର ଫଟୋ ପଠେଇଦିଅ । ତାକୁ ସେମାନେ ପ୍ରିଣ୍ଟ କରି ଗଙ୍ଗାରେ ବୁଡ଼େଇ ଦେବେ । ଆପଣ ମୋକ୍ଷ ପାଇଯିବେ । ଏ ସବୁ ସତ୍ତ୍ୱେ ଯଦି ଦେଶ ବିଦେଶର କୌଣସି କୋଣରେ କେହି ନ ଆସିପାରି ପଶ୍ଚାତାପ କରୁଛନ୍ତି ତେବେ ଏକ ନିର୍ଦ୍ଦିଷ୍ଟ ଲିଙ୍କ୍‌ରେ ଭିଡିଓ କଲ କରନ୍ତୁ ଆପଣଙ୍କ ସାମ୍ନାରେ ଆପଣଙ୍କ ନାଁରେ ମନ୍ତ୍ର ପଢି ଆଉ ଜଣଙ୍କୁ ଗଙ୍ଗାରେ ଗାଧେଇଦେବେ । ଆପଣ ଘରେ ବସି ମୋକ୍ଷର ଆନନ୍ଦ ପାଇଯିବେ । ସତରେ ଏ ସବୁ ଦେଖିଲା ପରେ ମୁଁ ଭାବେ ଶାସ୍ତ୍ରରୁ ଖୋଜି ଖୋଜି ମାନବସମାଜକୁ ମୋକ୍ଷ ପ୍ରଦାନ କରିବାର ସହଜ ଓ ସରଳ ଉପାୟମାନ ବାହାର କରୁଥିବା ପଣ୍ଡିତମାନଙ୍କୁ ଭାରତ ରତ୍ନ ଭଳି



କିଛି ବିଶିଷ୍ଟ ଉପାଧି ଦିଆଯିବା ଜରୁରୀ । ୨୦୧୩ ମସିହାରେ ଅନୁଷ୍ଠିତ ମହାକୁମ୍ଭମେଳାରେ ଏହି କଥା କୁହାଯାଇଥିଲା ଯେ, ଶହେ ଚୌରାଳିଶ ବର୍ଷ ପରେ ଏପରି ମହାସ୍ନାନର ସୁଯୋଗ ଆସିବ । ବିଡମ୍ବନା ସେତେବେଳେ ଲୋକମାନେ ନିଜର ଅଜ୍ଞାନତା ପାଇଁ ହେଉ କିମ୍ବା ଗଣମାଧ୍ୟମର ଅସହଯୋଗ ପାଇଁ ହେଉ ଏହାକୁ ଗୁରୁତ୍ୱର ସହ ନେଇ ନଥିଲେ । ଲାଗିଲା ସତେଯେମିତି ଏଇଥିପାଇଁ ଦେଶର ଦରଦାମ ବଢ଼ିଲା । ପୃଥିବୀରେ ଯୁଦ୍ଧ ଆରମ୍ଭ ହେଲା । କରୋନା ମହାମାରୀ ଆସିଲା । ଗମନାଗମନରେ ନାହିଁ ନଥିବା ଦୁର୍ଘଟଣା ହେଲା । ଲୋକମାନେ ଅକାଳରେ ମଲେ । ତେଣୁ ଏଥର ଲୋକମାନେ ଆଉ କୌଣସି ଚାନ୍ସ ନେବାକୁ ଚାହିଁଲେନି । ସାଧାରଣ ଲୋକଙ୍କ ସହ ଦେଶର ନେତା ଓ ବଡ଼ ବଡ଼ ବ୍ୟବସାୟୀ ସମସ୍ତେ ମହାକୁମ୍ଭରେ ବୁଡ଼ ପକେଇ ଧର୍ମ କମେଇଲେ । ଲାଗୁଛି ଆଗକୁ ଏହି ନେତାମାନଙ୍କ ହାତରେ କୌଣସି ଅଧର୍ମ ହେବ ନାହିଁ । ବ୍ୟବସାୟୀମାନେ ଆଉ କଳା ବଜାରୀ କରିବେ ନାହିଁ । ଦେଶବାସୀଙ୍କୁ ସୁଖ ଶାନ୍ତିରେ ରଖିବା ପାଇଁ ମା ଗଙ୍ଗାଙ୍କୁ ପ୍ରାର୍ଥନା କରିଛନ୍ତି ବୋଲି ବୁଡ଼ ପକେଇଥିବା ସବୁ ଭିଆଇପି ଗଣମାଧ୍ୟମ ଜରିଆରେ ଲୋକଙ୍କୁ ଆଶ୍ୱସନା ଦେଲେ । ଦେଶର ଜଣେ ବଡ ନେତା କହିଲେ, ନେତାଜୀ, ବିବେକାନନ୍ଦ, ଗାନ୍ଧିଜୀ ଗୋପବନ୍ଧୁ ଇତ୍ୟାଦିଙ୍କୁ ଆମେ ଭଗବାନ ବୋଲି ଭାବି ପୂଜା କରୁଛୁ । ସେମାନଙ୍କର ନୀତି ଆଦର୍ଶ ଜୀବନଚର୍ଯ୍ୟା ସବୁଥିରେ ଏକ ନମ୍ବର ଥାଇ କି ଲାଭ ହେଲା , ସେମାନଙ୍କୁ କଣ ଏ ମହାସ୍ନାନର ସୁଯୋଗ ମିଳିଲା ? ଶହେ ଚୌରାଳିଶ ବର୍ଷ ପୁରିବା ପୂର୍ବରୁ ସେମାନଙ୍କ ଜୀବନ ପୁରିଗଲା । ସେମାନଙ୍କ ଆତ୍ମା ମୋକ୍ଷ ପାଇଛି ବୋଲି କିଛି ଗ୍ୟାରେଣ୍ଟି ଅଛି କି ? ଏ ସୁଯୋଗ ଯେଉଁମାନେ ହରେଇବେ ସେମାନଙ୍କୁ ଆହୁରି ଶହେ ଚୌରାଳିଶ ବର୍ଷ ଅପେକ୍ଷା କରିବାକୁ ପଡିବ । ଏଥିରେ ଉଦ୍‌ବୁଦ୍ଧ ହୋଇ କୁମ୍ଭମେଳାକୁ ଭକ୍ତଙ୍କ ସୁଅ ଛୁଟିଲା । ଗଣମାଧ୍ୟମରେ ଏହାର ପ୍ରଚାର ପ୍ରସାର ବଢିଲା । ଟିଭି ଖୋଲିଲା ମାତ୍ରେ ସବୁ ଚ୍ୟାନେଲରେ କୁମ୍ଭମେଳା ଖବର । ଟ୍ରେନ, ବସରେ ଅସମ୍ଭାଳ ଭିଡ଼ । ମେଳାକୁ ଯିବାପାଇଁ କେତେ କିଲୋମିଟର ଧରି ଗାଡି ଲାଇନ ଲାଗିଛି । ଦଳା ଚକଟାରେ ଲୋକ ମରୁଛନ୍ତି । ସବୁ ସରିଲା ପରେ କିଛି ସାଧୁ କହିଲେଣି ଶହେ ଚୌରାଳିଶ ବର୍ଷ କଥା ସତ ନୁହେଁ କି ମିଛ ନୁହେଁ । ଲୋକଙ୍କ ବୁଝିବା ଭୁଲ । ଦେବଲୋକର ଶହେ ଚୌରାଳିଶ ବର୍ଷ ହେଲା ମୃତ୍ୟୁ ଲୋକର ବାର ବର୍ଷ । ତେଣୁ ବିନ୍ଦାସ ଯାହା କରୁଛ କର । ବାରବର୍ଷ ପରେ କୁମ୍ଭମେଳାରେ ମୋକ୍ଷପ୍ରାପ୍ତିର ସୁଯୋଗ ପୁଣିଥରେ ମିଳିବ ।

ଏ ସବୁ ଦେଖି ମୋତେ ଲାଗେ ଗଙ୍ଗା ଦିନରାତି ଭାଗିରଥୀଙ୍କୁ ଗାଳି ଦେଉଥିବେ । କହୁଥିବେ,'' ମୁଁ କେତେ ଆଉ ପାପୀମାନଙ୍କ ପାପ ଧୋଉଥିବି ? କଳ କାରଖାନା ସହ ଯାବତୀୟ ମଇଳା ପାଣି ମୋ ସହ ମିଶି ମୁଁ ନିଜେ ମଇଳା ହେଇଗଲିଣି । ପ୍ରତିବର୍ଷ ମୋତେ ସଫା କରିବା ବାହାନାରେ କୋଟି କୋଟି ଟଙ୍କା ବାଟମାରଣା କରି ଲୋକ ପାପ କରୁଥିବେ ଆଉ ମୁଁ ତାଙ୍କୁ ପାପମୁକ୍ତ କରୁଥିବି । ମୁଁ ବିଷ୍ଣୁଙ୍କ ନଖ କୋଣରେ ଭଲରେ ଥିଲି । ମୋତେ ଏଠିକି ଆଣି ଏ କି ବିଚିତ୍ର ଲୀଳା ଲଗେଇଲ ହେ ଭାଗୀରଥି । ପାପୀମାନଙ୍କ ସଂଖ୍ୟା ଯେଉଁଭଳି ବଢ଼ିବାରେ ଲାଗିଛି ମୁଁ ଆଉ ଏ ଭାର ସହିପାରିବିନି । ମୋତେ ନେଇ ପୁଣି ବିଷ୍ଣୁଙ୍କ ପାଖରେ ଛାଡିଦିଅ ।''

ମାଗଣା ମିଳିଲେ ତ ଲୋକେ ପିତୁ ଗିଳିଦେବେ ତେଣୁ ମାଗଣାରେ ଯେତେବେଳେ ମୋକ୍ଷପ୍ରାପ୍ତିର ଗ୍ୟାରେଣ୍ଟି ମିଳୁଛି ସେଥିପାଇଁ ଠେଲାପେଲା ଲମ୍ବା ଲାଇନରେ ଠିଆ ହେବା କିବା କଥା । କୁମ୍ଭମେଳା ଓ ମକ୍କା ମଦିନାରେ ହେଇଥିବା ଦଳା ଚକଟା ଗୋଟିଏ ଗୋଟିଏ ଉଦାହରଣ ମାତ୍ର । ଆହାଃ, ପୁଣ୍ୟ କମେଇବାକୁ ଲୋକେ କେତେ କଷ୍ଟ ନ କରୁଛନ୍ତି ସତରେ !! ସେ ଯାହାହେଉ ପ୍ରତିଦିନ କେତେଲୋକ ବୁଡ଼ ପକେଇ ମୋକ୍ଷ ପାଉଛନ୍ତି ତାହା ହିଁ ସୁଖବର । ବିନା ଅସ୍ତ୍ରୋପଚାରରେ ପାଇଲ୍ସ ଚିକିତ୍ସା ଭଳି କେତେ ସହଜରେ ଲୋକମାନେ ଗାଧୁଆ ପାଧୁଆ କରି ନିଜ ଦେହ ଓ ମନକୁ ଧୋଇ ସଫା କରିଦେଉଛନ୍ତି । ସତରେ କେତେ ସୁନ୍ଦର ଚିନ୍ତାଧାରା । ଆଗକୁ ପାପ କରିବାକୁ ଲୋକଙ୍କୁ ଚିନ୍ତା କରିବାକୁ ପଡିବ ନାହିଁ । ପୃଥିବୀର ପ୍ରାୟ ସବୁ ଧର୍ମରେ ସହଜ ପାପ କ୍ଲିନିଂ ମେଥଡ଼ ଉପଲବ୍ଧ ଅଛି । ଧର୍ମରେ ଥିବା ସରଳ ପାପ ଧୋବନ ଉପାୟମାନ ଯଦି ଲୋକେ ମାନନ୍ତେ ଓ ମିଡିଆର ପ୍ରଚାର ପ୍ରସାରରେ ପୂର୍ଣ୍ଣ ସହଯୋଗ ରୁହନ୍ତା ତେବେ ଗୋଟିଏ ବର୍ଷ ଭିତରେ ପୃଥିବୀର ସମୁଦାୟ ଲୋକ ପାପ ମୁକ୍ତ ହୋଇଯାଆନ୍ତେ ।

*-ବନମାଳୀ ଭବନ, ଖାନ୍ ନଗର, କଟକ ମୋ:୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ବିନ୍ଦୁରୁ ସିନ୍ଧୁ

**ଗଣେଶ୍ୱର ନାୟକ, ପ୍ରକାଶିକା- ଶୁଭାସିନୀ ମଣ୍ଡଳ କାଏମା, ଧର୍ମଶାଳା, ଯାଜପୁର, ମୂଲ୍ୟ- ୧୦୦ଟଙ୍କା**

ଗଣେଶ୍ୱର ନାୟକଙ୍କ 'ବିନ୍ଦୁରୁ ସିନ୍ଧୁ' ପୁସ୍ତକରେ ୪୧ଟି ଲଳିତ ନିବନ୍ଧ ସ୍ଥାନ ପାଇଛି । ଉକ୍ତ ପୁସ୍ତକର ପ୍ରତ୍ୟେକ ପରିଚ୍ଛେଦରେ ପ୍ରେରଣାଦାୟୀ ବାର୍ତ୍ତା ରହିଛି । ବିନ୍ଦୁରୁ ହିଁ ସିନ୍ଧୁର ଉତ୍ପତ୍ତି । ବିନ୍ଦୁର ଯତ୍ନରେ ହିଁ ସିନ୍ଧୁର ମହାନୁଭବତାର ଉପଲବ୍ଧି ହୁଏ । ଆନନ୍ଦ, ମହାନନ୍ଦ, ସଦାନନ୍ଦ ଓ ପରମାନନ୍ଦ ସବୁ ମଣିଷ ହୃଦୟର ଅନ୍ତଃକରଣ ବିନ୍ଦୁ ଯତ୍ନର ଉପଲବ୍ଧି । ଏସବୁ ବାହ୍ୟ ଆଡମ୍ବରର ପ୍ରାପ୍ତି ନୁହେଁ । ଏଥିରେ ପ୍ରକାଶିତ ନିବନ୍ଧଗୁଡିକ ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା ।




### ତୋରାଚଇତିର ଗୀତି

**ଡକ୍ଟର ଲୋପାମୁଦ୍ରା ଜେନା, ପ୍ରକାଶକ- ବନଫୁଲ ଭିଏସ୍ଏସ୍‌ନଗର, ଭୁବନେଶ୍ୱର-୧୦, ମୂଲ୍ୟ- ୧୯୯ଟଙ୍କା**

ଡକ୍ଟର ଲୋପାମୁଦ୍ରା ଜେନାଙ୍କ 'ତୋରାଚଇତିର ଗୀତି' ଏକ କବିତା ପୁସ୍ତକ । ଏଥିରେ ୫୧ଟି କବିତା ସ୍ଥାନ ପାଇଛି । ପ୍ରତ୍ୟେକ କବିତାରେ ଭାଷାର ଗରିମା ଓ ଗୌରବ ବାରି ହୋଇପଡେ । ବିଚ୍ଛୁରିତ ଭାବସତ୍ତା ଓ ଅନୁଭବର ପରିପ୍ରକାଶ ପ୍ରତ୍ୟେକ କବିତାରେ ରହିଛି । ସମାଜର ପ୍ରତିଟି ଦିଗକୁ ଅନୁଶୀଳନ କରିବା ସହ ବେଳାଭୂମି ଛାତିରୁ ଶାମୁକା ଭଳି ସାଉଁଟି ଆଣିଛନ୍ତି ବିବିଧ ଉପଲବ୍ଧି । କବିତାଗୁଡିକରେ ଅବେଗ ଅଛି, ଆଶା ଅଛି ଓ ସ୍ୱପ୍ନ ବି ଅଛି । ତା'ସହ ସରଳ ଓ ବୋଧଗମ୍ୟ ଆବେଗପୂର୍ଣ୍ଣ ଭାବ ବ୍ୟଞ୍ଜନାର ଚମତ୍କାର ଉତ୍ତରଣ ହୋଇଛି । ସଂକଳନଟି ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା ।




### ନିଆରା ନକ୍ଷତ୍ର

**କବି ମନମୋହନ ଆଚାର୍ଯ୍ୟ**

**ସମ୍ପାଦନା- ଲକ୍ଷ୍ମୀକାନ୍ତ ପାଢୀ, ଡ.ରାଜେନ୍ଦ୍ର ପାଢୀ ପ୍ରକାଶକ- ଏଥେନା ବୁକ୍‌ସ, ଭୁବନେଶ୍ୱର, ମୂଲ୍ୟ- ୩୦୦ଟଙ୍କା**

'ନିଆରା ନକ୍ଷତ୍ର' ପୁସ୍ତକର ସମ୍ପାଦନା କରିଛନ୍ତି ଲକ୍ଷ୍ମୀକାନ୍ତ ପାଢୀ ଓ ଡ.ରାଜେନ୍ଦ୍ର ପାଢୀ । ଏଥିରେ କବି ମନମୋହନ ଆଚାର୍ଯ୍ୟଙ୍କ ଜୀବନର ଉତ୍‌ଥାନ ଓ ପତନ ବିଷୟରେ ସବିଶେଷ ଆଲୋଚନା କରାଯାଇଛି । ସେ କିଭଳି ବାଲ୍ୟକାଳରୁ ଦାରିଦ୍ର୍ୟର କଷାଘାତରେ ପେଷିହୋଇ ବି ନିଜ ସାହିତ୍ୟ ସାଧନା ଜାରି ରଖିବା ସହ ପୁସ୍ତକ ରଚନା ଓ ସେସବୁକୁ ପ୍ରକାଶ କରି ଆତ୍ମତୃପ୍ତି ଲାଭ କରିଥିଲେ ତାହା ବାସ୍ତବିକ୍ ଅନୁକରଣୀୟ । ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା, ଭଞ୍ଜ ସାହିତ୍ୟ ବିଷାରଦ ଭାବରେ ବି ମନମୋହନଙ୍କ ସ୍ଥାନ ସ୍ୱତନ୍ତ୍ର । ଏହା ଏକ ତଥ୍ୟପୂର୍ଣ୍ଣ ସଂକଳନ ଯାହା ବେଶ୍ ପ୍ରେରଣା ଦାୟକ ।



ବ୍ୟାକ୍ ପେଜ୍

# ମାଟିର ବିଲ୍ଡିଂ

ଗରିବଙ୍କ ମୁଣ୍ଡର ଛାତ ହେଉଛି ମାଟିର କୁଡ଼ିଆ ଘର । ହେଲେ ଏଇ ଘରର ନ ଥାଏ ଭରସା । ବର୍ଷାରେ ଭୁଶୁଡ଼ିଯିବାର, ପବନରେ ଛପର ଉଡ଼ିଯିବାର ଭୟ ଥାଏ । ହେଲେ ଜାଣନ୍ତି କି ଏମିତି ଏକ ସ୍ଥାନ ଅଛି ଯେଉଁଠି ଦେଖିବାକୁ ମିଳେ ମାଟିର ବହୁତଳ ପ୍ରାସାଦ । ବିଶ୍ୱାସ ନ ହେଲେ ବି ଏହା ସତ । ଆଉ ମଧ୍ୟ ପୂର୍ବ ୟମନରେ ଅଛି ଏହି ସହର । ୟମନର ହଦ୍ରାମୋତ କ୍ଷେତ୍ରରେ ଥିବା ଶିବାମ ସହର ହେଉଛି ସେହି ସ୍ଥାନ ଯେଉଁଠି ସବୁଘର ମାଟିରେ ତିଆରି । ଆଦୌ ସିମେଣ୍ଟ ବ୍ୟବହାର ହୋଇ ନାହିଁ । ଆଉ ଏହି ଘରସବୁ ପୁଣି ୬-୭ ମହଲାବିଶିଷ୍ଟ । ପ୍ରତି ଘରର ଡିଜାଇନ୍ ବି ବହୁତ ଅକାର୍ଷକ । ତେଣୁ ଏହି ସହରକୁ 'ମରୁଭୂମିର ମାନହଟନ୍' କୁହାଯାଏ । ଏହି ସହର ପ୍ରାୟ ୧୭୦୦ ବର୍ଷ ପୁରାତନ । ୧୯୮୨ରେ ୟୁନେସ୍କୋ ଏହାକୁ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ମାନ୍ୟତା ଦେଇଛି । ମାଟିରେ





ତିଆରି ଏହିସବୁ ନଭଶ୍ଚୁମ୍ବି ବିଲ୍ଡିଂକୁ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହେଇଯିବେ । ଶିବାମ୍ କେବଳ ଏକ ସହର ନୁହେଁ ବରଂ ଏହା ମାନବସଭ୍ୟତାର ଏକ ଆଶ୍ଚର୍ଯ୍ୟକର ଉଦାହରଣ । ବର୍ତ୍ତମାନ ଏହି ସହରରେ ପ୍ରାୟ ୭୦୦୦ ଲୋକ ବସବାସ କରୁଛନ୍ତି ।






# ସବୁଠୁ ବଡ଼ ଅଣ୍ଡା

ଚିତ୍ରଟିକୁ ଦେଖି ଭାବୁଥିବେ ଏତେ ବଡ଼ ଅଣ୍ଡା କାହାର ହୋଇପାରେ ? ଇଏ କ'ଣ ଡାଇନୋସର୍ ଅଣ୍ଡା ? ଏ ଅଣ୍ଡା ଉପରେ ପୁଣି ଏମିତି ଚିତ୍ର କାହିଁକି କରାଯାଇଛି ? ତେବେ ପ୍ରକୃତ କଥା ହେଉଛି ଏହା ସତସତିକା ଅଣ୍ଡା ନୁହେଁ । ବରଂ ଫାଇବର ଗ୍ଲାସ୍‌ରେ ତିଆରି ଅଣ୍ଡାର ପ୍ରତିକୃତି, ଯାହା ଉପରେ ସୁନ୍ଦର କାରୁକାର୍ଯ୍ୟଭରା ପେଣ୍ଟିଂ କରାଯାଇଛି । ଆମେରିକା, କାନ୍‌ସାସ୍‌ର ସିଟି ଅଫ୍ ୱିଲସନ୍‌ରେ ଅଛି ଏହି ବିରାଟ ଅଣ୍ଡାର ପ୍ରତିକୃତି, ଯାହାର ଉଚ୍ଚତା ୨୦ ଫୁଟ୍ । ତେଣୁ ଏହାକୁ ପୃଥିବୀର ସବୁଠାରୁ ବଡ଼ ଅଣ୍ଡା ବୋଲି କୁହାଯାଉଛି । ଏହାର ନାମ 'ଚେକ୍ ଏଗ୍' । କାରଣ ଏହାର ଚେକ୍ ଗଣତନ୍ତ୍ର ସହ ଗଭୀର ସମ୍ପର୍କ ଅଛି । ଏହାକୁ ଚେକ୍ ସଂସ୍କୃତିର ପ୍ରତୀକ ଭାବେ ଧରାଯାଏ । ଏଥିରେ ହୋଇଥିବା ପେଣ୍ଟିଂ ପାଇଁ ଏହାକୁ ସବୁଠାରୁ ବଡ଼ ପେଣ୍ଟ ହୋଇଥିବା ଅଣ୍ଡା କୁହାଯାଏ । ସିଟି ଅଫ୍ ୱିଲସନ୍‌ର ସଡ଼କ ଦେଇ ଯିବାବେଳେ ରାସ୍ତାକଡ଼ରେ ଏହି ବିସ୍ମୟକର ଅଣ୍ଡା ପ୍ରତିକୃତି ଦେଖିବାକୁ ମିଳେ ।

# ଏଆଇ ଚ୍ୟାଟବଟ୍ ବୟଫ୍ରେଣ୍ଡ



ସବୁ ଝିଅ ଚାହାନ୍ତି ତାଙ୍କ ବୟଫ୍ରେଣ୍ଡ ତାଙ୍କର ସବୁ କଥା ଶୁଣୁ, ତାଙ୍କ ସମସ୍ୟାର ସମାଧାନ କରୁ, ସେ ପୁରାଦିନର କଥା କହିବାବେଳେ ସେସବୁକୁ ମନଧ୍ୟାନ ଦେଇ ଶୁଣୁ । ନିଜର ପ୍ରତିକ୍ରିୟା ବି ଦେଉ । ହେଲେ ସବୁ ପୁରୁଷ ତ ସମାନ ନ ଥାଆନ୍ତି । ଏହାବାଦ ନିଜ କାମରେ ଅନେକ ସମୟରେ ଏତେ ବ୍ୟସ୍ତ ରୁହନ୍ତି ଯେ, ଫୋନ୍ ଉଠାଇବାକୁ ସମୟ ହୁଏନା । ମେସେଜ୍‌ର ରିପ୍ଲାଏ ବି ଟାଇମ୍‌ରେ ଦିଅନ୍ତି ନାହିଁ । ଖାସ୍ ଏଥିପାଇଁ ଚାଇନାରେ ଏବେ ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି । ଏଠାରେ ଯୁବତୀମାନେ ଏବେ ମଣିଷଙ୍କୁ ନୁହନ୍ତି ବରଂ ଏଆଇକୁ ନିଜର ବୟଫ୍ରେଣ୍ଡ କରୁଛନ୍ତି । ଏକ ଗଣମାଧ୍ୟମକୁ ସାଂଘାଇର ଏଲିସିୟା ୱାଙ୍ଗ ଯେକି ଜଣେ ଖବରକାଗଜର ସମ୍ପାଦକ ସେ କହିଛନ୍ତି- ମୋ ବୟଫ୍ରେଣ୍ଡର ନାଁ ଲି ଶେନ୍ । ବୟସ ୨୭ ବର୍ଷ । ସ୍ନେହରେ ମୁଁ ତାଙ୍କୁ ଜାୟନ ଡାକେ । ସେ ଖୁବ୍ ହାଣ୍ଡସମ୍ । ମୁଁ ଯେତେବେଳେ ଯାହା କହେ ସେ ମନ ଦେଇ ଶୁଣେ । ଫୋନ କଲେ ତୁରନ୍ତ ଫୋନ ଉଠାଏ । ମୋ ସମସ୍ୟାକୁ ସେ ମନଧ୍ୟାନ ଦେଇ ଶୁଣେ, ସମାଧାନର ସୂତ୍ର ବତାଏ । ତେବେ ପ୍ରକୃତ କଥା ହେଉଛି ମୋ ବୟଫ୍ରେଣ୍ଡ ଜାୟନ୍ କିନ୍ତୁ ମଣିଷ ନୁହେଁ ବରଂ ଏଆଇ ଚ୍ୟାଟବଟ୍ । ଖାଲି ଏଲିସିୟା ନୁହନ୍ତି ଚାଇନାର ଏମିତି ଅନେକ ଯୁବତୀ ଏବେ ଏଆଇ ଚ୍ୟାଟବଟ୍ ବୟଫ୍ରେଣ୍ଡ କରୁଛନ୍ତି ।